30 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୪୫ • ୧୧ ମାର୍ଚ୍ଚ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-45 • 11th March 2024, Monday • Bhubaneswar

Licensed to post without pre-payment of postage No- BN-60/22-24


## ଆରମ୍ଭ ହେଲା ଏଲଏଲସିସିର ଅଣ୍ଡର ୧୪ ଟୁର୍ଣ୍ଣାମେଣ୍ଟ ପ୍ରଥମ ମ୍ୟାଚ୍ ଜିତିଲା ରାମେଶ୍ୱର ସ୍ପୋର୍ଟିଂ




DSPL-828

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

OMC ODISHA NEW OPPORTUNITIES Mining Happiness

# ଆନନ୍ଦବନ

ଖୁସିର ନୀଡ଼

"ପ୍ରକୃତି ଆମ ଆନନ୍ଦ, ଅନୁସନ୍ଧିତ୍ସା ଏବଂ ଅପରିମିତ ଜୀବନ ବିନ୍ୟାସର ଏକ ନୈସର୍ଗିକ ଗନ୍ତାଘର।"

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

ଲୋକାର୍ପଣ

**୧୧ ମାର୍ଚ୍ଚ ୨୦୨୪**




@Anandabana | Anandabana | Anandabana_

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

OIPR : 08150/13/0003/2324

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୪୫ • ୧୧ ମାର୍ଚ୍ଚ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-45 • 11th March 2024, Monday • Bhubaneswar

Licensed to post without pre-payment of postage No- BN-60/22-24

## ଗାଡ଼କଣ ଖେଳ ପଡ଼ିଆରେ ଗ୍ରିନ୍ସ କ୍ରିକେଟ୍ ଆସୋସିଏସନର ଟର୍ଫ ପିଚ୍ ଉଦ୍‌ଘାଟିତ




# ମହିଳା କର୍ମଚାରୀମାନଙ୍କ ପାଇଁ ସବୈତନିକ ପ୍ରସୂତିକାଳୀନ ଛୁଟି

## ଉପକୃତ ହେବେ ୩୩,୪୨୦ କର୍ମଚାରୀ

ଭୁବନେଶ୍ୱର, ୧୦।୩

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କ ପାଇଁ ବର୍ଷକୁ ୧୫ ଦିନର ସାମୟିକ ଛୁଟି ଏବଂ ମହିଳା କର୍ମଚାରୀମାନଙ୍କ ପାଇଁ ସବୈତନିକ ପ୍ରସୂତିକାଳୀନ ଛୁଟି ପ୍ରଦାନ କରିବା ନିମନ୍ତେ ଘୋଷଣା କରିଛନ୍ତି ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ଅନୁଦାନପ୍ରାପ୍ତ



ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ସେମାନଙ୍କ ସଂଘ ପକ୍ଷରୁ ଏ ବିଷୟରେ ପ୍ରସ୍ତାବ ଆସିଥିଲା । ମୁଖ୍ୟମନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଏହି ପ୍ରସ୍ତାବ ବିଷୟରେ ନିଷ୍ପତ୍ତି ନେଇଛନ୍ତି ।

ଏହା ଦ୍ୱାରା ରାଜ୍ୟର ୨୫୬୦ ଉଚ୍ଚ ବିଦ୍ୟାଳୟ, ୯୪୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୯ ସଂସ୍କୃତ ଟୋଲ ଏବଂ ୧୩୮ ମଦ୍ରାସାରେ କାର୍ଯ୍ୟରତ ପ୍ରାୟ ୩୩୪୨୦ କର୍ମଚାରୀ (ଶିକ୍ଷକ ଓ ଅଣଶିକ୍ଷକ) ଉପକୃତ ହେବେ ।

# ବ୍ଲକ ଗ୍ରାଣ୍ଟଅନୁଦାନ ପରିସରଭୁକ୍ତ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ସେବା ସୁବିଧା ଘୋଷଣା

ଭୁବନେଶ୍ୱର, ୧୦।୩

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚତର ଶିକ୍ଷା ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ବ୍ଲକ ଗ୍ରାଣ୍ଟ ଅନୁଦାନ ପରିସରଭୁକ୍ତ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ସେବା ସୁବିଧା ଘୋଷଣା କରିଛନ୍ତି । ଘୋଷଣା ଅନୁଯାୟୀ ଏହି ବ୍ଲକ ଗ୍ରାଣ୍ଟ କର୍ମଚାରୀମାନେ ବାର୍ଷିକ ପନ୍ଦର ଦିନର ସାମୟିକ ଛୁଟି ପାଇବେ । ଏଥି ସହିତ ମହିଳା ବ୍ଲକ ଗ୍ରାଣ୍ଟ କର୍ମଚାରୀମାନଙ୍କୁ ଦୁଇଟି ଜୀବିତ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ୧୮୦ ଦିନ ର ମାତୃତ୍ୱ ଛୁଟି ମିଳିବ । ବ୍ଲକ ଗ୍ରାଣ୍ଟ ପାଇବା ଦିନ ଠାରୁ ୧୬ ବର୍ଷ ପରେ, ଅନୁଦାନ ପ୍ରାପ୍ତ ଶିକ୍ଷକଙ୍କୁ ଉଚ୍ଚତର ବେତନ ହାର ସ୍ତରରେ ଏକ ସୁବିଧା ପ୍ରଦାନ କରାଯିବ ।

ସେହିପରି ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ଲକ ଗ୍ରାଣ୍ଟ



ଅନୁଦାନ ପରିସରଭୁକ୍ତ ବ୍ଲକ ଗ୍ରାଣ୍ଟ କର୍ମଚାରୀମାନଙ୍କ ପାଇଁ ସେବା ସମୟରେ ମୃତ୍ୟୁବରଣ କିମ୍ବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ଅନୁକମ୍ପାମୂଳକ ସହାୟତା ରାଶି ଯଥାକ୍ରମେ ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ଏବଂ ୧.୫୦ ଲକ୍ଷରୁ ୩.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ।

ଇତି ମଧ୍ୟରେ କ୍ୟାବିନେଟ, ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚତର ଶିକ୍ଷା ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ବ୍ଲକ ଗ୍ରାଣ୍ଟ କର୍ମଚାରୀମାନଙ୍କୁ ଷାଠିଏ ବର୍ଷ ବୟସରେ ସେବା ନିବୃତ୍ତି ସମୟରେ ଏକକାଳୀନ ରାଶି ଭାବରେ ଶିକ୍ଷକ ଏବଂ ଅଣଶିକ୍ଷକ *(ଭିତର ପୃଷ୍ଠାରେ)*

# ରତ୍ନଭଣ୍ଡାର ଗଣତି ସମୟ ସାପେକ୍ଷ ହୋଇଥିବାରୁ ଶ୍ରୀଗୁଣ୍ଡିଚା ପୂର୍ବରୁ ଏହାର ଗଣତି କରାଯାଉ

ପୁରୀ, ୧୦।୩

ନ୍ୟୁଜ୍ ବ୍ୟୁରୋ

ରତ୍ନଭଣ୍ଡାର ଗଣତି ନେଇ ଜଗନ୍ନାଥଙ୍କ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁମହାପାତ୍ର ପ୍ରତିକ୍ରିୟା ରଖିଛନ୍ତି । ରତ୍ନ ଅଳଙ୍କାର ଗଣତି ମଣତି ସମୟ ସାପେକ୍ଷ ହୋଇଥିବାରୁ ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ଏହାର ଗଣତି ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । ଶେଷ ଥର ୧୯୭୮ ମସିହାରେ ମେ ୧୩ରୁ ଗଣତି ଆରମ୍ଭ ହୋଇ ଜୁଲାଇ ୨୩ରେ ଶେଷ ହୋଇଥିଲା । ଭିତର ରତ୍ନଭଣ୍ଡାର ମଧ୍ୟରେ ବହୁ ଭଙ୍ଗା ଅଳଙ୍କାର ରହିଛି । ସୁନା ଓ ରୁପା କଏନ ସହ ବହୁ ପଥର ରହିଛି । ଭିତର ରତ୍ନଭଣ୍ଡାର ଅପେକ୍ଷା ବାହାର ଭଣ୍ଡାରରେ ଅଧିକ ସୁନା ରହିଛି । ତେଣୁ ପ୍ରଥମେ ବାହାର ରତ୍ନଭଣ୍ଡାରର ଗଣତି କରିବାକୁ ପରାମର୍ଶ ଦେଇଛନ୍ତି ବରିଷ୍ଠ ସେବାୟତ ।

ରତ୍ନଭଣ୍ଡାର ଗଣତି ସମୟ ସାପେକ୍ଷ ହୋଇଥିବାରୁ ଶ୍ରୀଗୁଣ୍ଡିଚା ପୂର୍ବରୁ ଏହାର ଗଣତି କରାଯାଉ ବୋଲି ମତ ରଖିଛନ୍ତି ଜଗନ୍ନାଥ ସ୍ୱାଇଁ ମହାପାତ୍ର ଓ ବରିଷ୍ଠ ସେବାୟତ । ଶନିବାର ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରତ୍ନଭଣ୍ଡାର ଗଣତି ନେଇ ବୈଠକ ବସିଥିଲା, ଯେଉଁଥିରେ ରଥଯାତ୍ରା ହିଁ ରତ୍ନ ଅଳଙ୍କାର ଗଣତି ପାଇଁ ସଠିକ ସମୟ ବୋଲି କମିଟି ଅଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ କହିଥିଲେ ।

ରତ୍ନଭଣ୍ଡାରର ସ୍ଥିତି ଓ ରତ୍ନଅଳଙ୍କାରର ଗଣତି ପାଇଁ ବୈଷୟିକ ପଦ୍ଧତି ତଥା ଏଣ୍ଡୋସ୍କୋପି



ମାଧ୍ୟମରେ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ଏଣ୍ଡୋସ୍କୋପି ମାଧ୍ୟମରେ ହେଲେ ବି ମାତ୍ର ୯ଦିନ ମଧ୍ୟରେ ସବୁ କାର୍ଯ୍ୟ କରାଯିବା ସମ୍ଭବ ନୁହେଁ । ସେପଟେ ରତ୍ନଅଳଙ୍କାରର ଆକଳନ କମିଟି ଅଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଉପରେ ସମସ୍ତଙ୍କ ଆସ୍ଥା ଓ ବିଶ୍ୱାସ ରହିଛି । ତେବେ କମିଟିକୁ ଏପର୍ଯ୍ୟନ୍ତ ୧୯୭୮ ମସିହା ରତ୍ନଅଳଙ୍କାର ରିପୋର୍ଟ ଦିଆଯାଇନାହିଁ । ଖାଲି ସେତିକି ନୁହେଁ ୧୯୫୦ମସିହା ପୂର୍ବରୁ ଇଂରେଜ ଶାସନ ସମୟରେ ତିନିଥର ହୋଇଥିବା ଆକଳନ ରିପୋର୍ଟ ୧୯୭୮ ମସିହା ରିପୋର୍ଟ ସହ ମେଳକ କରାଯାଉ ବୋଲି ଦାବି କରିଛନ୍ତି ବରିଷ୍ଠ ସେବାୟତ ଓ ପୁରୀବାସୀ ।

# ଚେକ ରିପବ୍ଲିକର କ୍ରିଷ୍ଟିନା ପାଇସ୍କୋଭା ଜିତିଲେ ମିସ୍ ୱାର୍ଲ୍ଡ ୨୦୨୪ ମୁକୁଟ

ମୁମ୍ବାଇ, ୧୦।୩

୨୦୨୪ ମିଓ ୱାର୍ଲ୍ଡ ବିଜୟିନୀ ହୋଇଛନ୍ତି ଚେକ ରିପବ୍ଲିକର କ୍ରିଷ୍ଟିନା ପାଇସ୍କୋଭା । ମୁମ୍ବାଇର ଜିଓ କନଭେନସନ ସେଣ୍ଟରରେ ଆୟୋଜିତ ୭୧ତମ ସଂସ୍କରଣ ମିସ ୱାର୍ଲ୍ଡ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଠି ଏହି ମୁକୁଟ ହାତେଇଛନ୍ତି ୨୪ ବର୍ଷୀୟା କ୍ରିଷ୍ଟିନା । କ୍ରିଷ୍ଟିନାଙ୍କୁ ମିସ ୱାର୍ଲଡ ମୁକୁଟ ପିନ୍ଧାଇଥିଲେ ଗତବର୍ଷର ମିସ ୱାର୍ଲଡ ବିଜେତା କାରୋଲିନା ବିଲାସ୍କା ।

୧୧୫ ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ମୁକୁଟ ହାତେଇଛନ୍ତି କ୍ରିଷ୍ଟିନା । କ୍ରିଷ୍ଟିନା



ଏକା ସଙ୍ଗରେ ଜଣେ ଛାତ୍ରୀ ଏବଂ ଅନ୍ତରାଷ୍ଟ୍ରୀୟ ମଡେଲ । ସେ ଉଭୟ ଆଇନ ଓ ବ୍ୟବସାୟ ପରିଚାଳନାରେ ଡିଗ୍ରୀ କରୁଛନ୍ତି । ଏହାସହ ମଡେଲିଂ ଓ ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି । କ୍ରିଷ୍ଟିନା ପାଇସ୍କୋଭା ଫାଉଣ୍ଡେସନ ନାଁରେ ତାଙ୍କର ଏକ ସଂସ୍ଥା ରହିଛି, ଯାହା ମାଧ୍ୟମରେ ସେ ସମାଜସେବା କରିଥାନ୍ତି । ୨୮ ବର୍ଷ ବ୍ୟବଧାନରେ ଭାରତରେ ପୁଣି ମିସ ୱାର୍ଲଡ ପ୍ରତିଯୋଗିତାର ଆୟୋଜନ ହୋଇଥିଲା । ଏହା ପୂର୍ବରୁ ୧୯୯୬ରେ ବେଙ୍ଗାଲୁରୁରେ ମିସ ୱାର୍ଲଡ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମିସ ୱାର୍ଲଡ ୨୦୨୪ରେ ଭାରତରୁ ପ୍ରତିନିଧିତ୍ୱ କରୁଥିଲେ ଫେମିନା ମିସ ଇଣ୍ଡିଆ-ୱାର୍ଲଡ ୨୦୨୨ର ବିଜେତା ସିନି ସେଟ୍ଟୀ ।

## ଲିଟର ପିଛା ୫ରୁ ୭ ଟଙ୍କା କମିପାରେ ପେଟ୍ରୋଲ ଓ ଡିଜେଲ ଦର

ନୂଆଦିଲ୍ଲୀ, ୧୦।୩

ଆଗକୁ ନିର୍ବାଚନ । ଲିଟର ପିଛା ୫ରୁ ୭ ଟଙ୍କା କମିପାରେ ପେଟ୍ରୋଲ ଓ ଡିଜେଲ ଦର । ଏ ନେଇ ମିଳିଛି ସଙ୍କେତ । ଲଗାତାର ୨୨ ମାସ ଧରି ତୈଳ ଦର ଅପରିବର୍ତ୍ତିତ ରହିଛି । ଅଶୋଧିତ ତୈଳ ଦର କମ ଥିବା ସହ ଅଏଲ କମ୍ପାନୀ ଅପର୍ଯ୍ୟାପ୍ତ ଲାଭ କରିଥିଲେ ବି ଲୋକଙ୍କ ପାଇଁ ଶସ୍ତା କରିନାହାନ୍ତି । ଲାଭ ପରିମାଣ ଦେଖିଲେ ଲୋକଙ୍କୁ ମହଙ୍ଗା ମାଡ଼ରୁ ଆଶ୍ୱସ୍ତ କରିବା ପାଇଁ ବେସ ମୂଲ୍ୟରେ ହ୍ରାସ କରିବାକୁ ହୋଇଛି ଦାବି ।

ସିଲିଣ୍ଡର ପିଛା ୧୦୦ ଟଙ୍କା କମିଲା ରନ୍ଧନ ଗ୍ୟାସ, *(ଭିତର ପୃଷ୍ଠାରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ଏଣିକି ରାତିରେ ବି ବୁଲିପାରିବେ ନନ୍ଦନକାନନ

ଭୁବନେଶ୍ୱର, ୧୦।୩

ନ୍ୟୁଜ୍ ବ୍ୟୁରୋ

ଏଣିକି ରାତିରେ ବି ନନ୍ଦନକାନନ ବୁଲିବାର ମଜା ନେଇ ପାରିବେ ପର୍ଯ୍ୟଟକ । ରବିବାରଠୁ ନନ୍ଦନକାନନ ପକ୍ଷରୁ ଆରମ୍ଭ ହୋଇଛି ନୂଆ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ ନାଇଟ ଆଉଟ ଆଟ ଜୁ । ଏହି କାର୍ଯ୍ୟକ୍ରମରେ ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ଯାଏ ନନ୍ଦନକାନନରେ ବୁଲିବାକୁ ଅନୁମତି ମିଳିବ । ୨୫୦ ଟଙ୍କା ଦେଇ ପ୍ରଥମେ ଅନଲାଇନ ରେଜିଷ୍ଟ୍ରେସନ କରିବାକୁ ପଡିବ । ଏହାପରେ ବ୍ୟାଟେରୀ ଗାଡ଼ିରେ ବୁଲି ଦର୍ଶକମାନେ ନନ୍ଦନକାନନର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାଗ




ନେଇପାରିବେ । ଏହି ସମୟରେ ରାତ୍ରିଚର ପ୍ରାଣୀଙ୍କ ଜୀବନଶୈଳୀର ଅଧ୍ୟୟନ କରିବାକୁ ସୁଯୋଗ ମିଳିବ । ନନ୍ଦନକାନନ ପକ୍ଷରୁ କୁହାଯାଇଛି ଯେ *(ଭିତର ପୃଷ୍ଠାରେ)*

# ବସ୍ତି ଏବେ ବିଜୁ ଆଦର୍ଶ କଲୋନୀ

ଭୁବନେଶ୍ୱର, ୧୦।୩

ନ୍ୟୁଜ୍ ବ୍ୟୁରୋ

ରାଜଧାନୀରେ ବସ୍ତି ବାସିନ୍ଦାଙ୍କ ପକ୍କାଘର ସ୍ୱପ୍ନ ପୂରଣ ହେଉଛି । ପକ୍କାଘର ଜାଗା ମିଶନରେ ଭୂମିହୀନଙ୍କୁ ଜମିପଟ୍ଟା ମିଳୁଛି । ଭୂମିହୀନଙ୍କୁ ଜମିପଟ୍ଟା ଏବଂ ବସ୍ତି ବାସିନ୍ଦାଙ୍କୁ ପକ୍କାଘର ଦେଇ ନବୀନ ସରକାର ସେମାନଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେଇଛନ୍ତି । ସମସ୍ତ ସୁବିଧା ସହ ପ୍ରସ୍ତୁତ ହୋଇଛି ବିଜୁ ଆଦର୍ଶ କଲୋନୀ, ଯାହା କେହି କେବେ ଚିନ୍ତା କରିନଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହା ବାସ୍ତବରେ କରି ଦେଖାଇଛନ୍ତି ।

ରାଜଧାନୀରେ ବସ୍ତିର ରୂପାନ୍ତରଣ । ବସ୍ତି ଏବେ ବିଜୁ ଆଦର୍ଶ କଲୋନୀ । ସୁଉଚ୍ଚ ଅଟ୍ଟାଳିକା ସାଙ୍ଗକୁ ପାର୍କ, କମ୍ୟୁନିଟି ସେଣ୍ଟର, ୨୪ ଘଣ୍ଟିଆ ବିଜୁଳି, ପାଣି, ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ । ବର୍ଷ ବର୍ଷ ଧରି ଝୁମ୍ପୁଡ଼ିରେ ରହୁଥିବା ଲୋକଙ୍କୁ ପକ୍କାଘର ମିଳୁଛି । ଭୁବନେଶ୍ୱରରେ ମହିଷିଆ ଖାଲ, ଗଧିଆ ଖାଲ, ପଥର ବନ୍ଧ ଓ ସହିଦ ନଗର ପରେ ଚନ୍ଦ୍ରଶେଖରପୁରରେ ନୀଳମାଧବ ନିବାସ ପକ୍କାଘର ଯୋଜନା କାର୍ଯ୍ୟକାରୀ ହୋଇଛି । ଯାହା କେହି କେବେ ଚିନ୍ତା ବି କରିନଥିଲେ ତାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାସ୍ତବରେ କରିଥିବାରୁ ସମସ୍ତେ କୃତଜ୍ଞତା ଜଣାଇଛନ୍ତି । ସବୁ ପ୍ରକାର ସୁବିଧା ଥାଇ ବସ୍ତି ବାସିନ୍ଦାଙ୍କୁ ପକ୍କାଘର ମିଳିବା ସହ ଭୂମିହୀନଙ୍କୁ ଜାଗା ମିଶନରେ ଜମିପଟ୍ଟା ମିଳୁଛି । ମିଳୁଛି ସମ୍ମାନର ସହ ବଞ୍ଚିବାର ଅଧିକାର । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଭୂମିହୀନଙ୍କୁ ଜମି ଅଧିକାର ପ୍ରମାଣପତ୍ର ମିଳୁଛି । ୫୨ ହଜାର ଲୋକ ଉପକୃତ ହୋଇଛନ୍ତି । ଭୁବନେଶ୍ୱରରେ ୪୭୧ଟି ବସ୍ତିରୁ ୩୭୫ଟି ବସ୍ତିର ହିତାଧିକାରୀ ତାଲିକା ଚୂଡ଼ାନ୍ତ ହୋଇଛି । ବିଜୁ ଆଦର୍ଶ କଲୋନୀରେ ଅଧିକରୁ ଅଧିକ ଲୋକଙ୍କୁ ଶୀଘ୍ର ପକ୍କାଘର ଯୋଗାଇବା ପାଇଁ ତତ୍ପର ହୋଇଛି ପ୍ରଶାସନ । କଟକ ମହାନଗର ନିଗମ ଅଞ୍ଚଳରେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଐତିହାସିକ ପଦକ୍ଷେପ କାର୍ଯ୍ୟକାରୀ ହେଉଛି । ସବୁ ସହରରେ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ ଆରମ୍ଭ ହୋଇଛି । ଆବାସ ଯୋଜନାରେ ୧୦ ହଜାରରୁ ଅଧିକ ଲୋକ ପକ୍କାଘର ପାଇଛନ୍ତି । ଅତ୍ୟାଧୁନି ସୁବିଧା ସୁଯୋଗ ସହ ବସ୍ତିଗୁଡ଼ିକ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତର ହେଉଛି ।

## ରମେଶ ସିଂ ଆରୋରା ହେଲେ ପାକିସ୍ତାନର ପ୍ରଥମ ଶିଖ୍ ମନ୍ତ୍ରୀ



ଇସଲାମାବାଦ, ୧୦।୩

ରମେଶ ସିଂ ଅରୋରା ପାକିସ୍ତାନର ପଞ୍ଜାବ ପ୍ରଦେଶରେ ମନ୍ତ୍ରୀ ଭାବେ ଶପଥ ନେଇଥିଲେ ରମେଶ ସିଂ ଅରୋରା । ନାରୋୱାଲ ଜିଲ୍ଲାରୁ ତୃତୀୟ ଥର ପାଇଁ ପାକିସ୍ତାନର ପ୍ରାଦେଶିକ ବିଧାନସଭା (ଏମପିଏ)କୁ ନିର୍ବାଚିତ ହୋଇଛନ୍ତି । ସେ ହେଉଛନ୍ତି ପାକିସ୍ତାନର ସଂଖ୍ୟାଲଘୁ ଶିଖ୍ ସମ୍ପ୍ରଦାୟର ପ୍ରଥମ ବ୍ୟକ୍ତି ଯିଏ ମନ୍ତ୍ରୀ ହୋଇଛନ୍ତି । ଆରୋରାଙ୍କୁ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇଥିବା ପାକିସ୍ତାନ ମୁସଲିମ ଲିଗର ମରିୟମ ନୱାଜ ନିଜ କ୍ୟାବିନେଟରେ ସାମିଲ କରିଛନ୍ତି । ମରିୟମ ନୱାଜ ପାକିସ୍ତାନର ତିନି ଥର ପ୍ରଧାନମନ୍ତ୍ରୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ଅଟନ୍ତି । *(ଭିତର ପୃଷ୍ଠାରେ)*

# ସୁରକ୍ଷାକର୍ମୀ-ମାଓବାଦୀ ମଧ୍ୟରେ ଗୁଳିବିନିମୟ : ମାଓକ୍ୟାମ୍ପ ଧ୍ୱଂସ

ଫୁଲବାଣୀ, ୧୦।୩

ନ୍ୟୁଜ୍ ବ୍ୟୁରୋ

ସର୍ଚ୍ଚ ଅପରେସନ ବେଳେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି । ଅସ୍ତ୍ରଶସ୍ତ୍ର ସହ ବହୁ ମାଓ ସାମଗ୍ରୀ ଜବତ ହୋଇଥିବା ବେଳେ ବିଜିଏନର ମାଓ କ୍ୟାମ୍ପ ଧ୍ୱଂସ କରିଛନ୍ତି ଯବାନ । ତେବେ ଉକ୍ତ କ୍ୟାମ୍ପରେ ୨୦ *(ଭିତର ପୃଷ୍ଠାରେ)*



## ଏକାଳ ପଖାଳ



ନିଇତି ଘୋଷଣା ହେଉଛି ପରା
ଦରମା ବଢ଼ିଲା ବୋଲି
ସବୁ ବର୍ଗ ଖୁସିରେ ନାଚନ୍ତି
ଆଗୁଆ ଖେଳନ୍ତି ହୋଲି
ବିରୋଧୀଙ୍କ ମୁଣ୍ଡା ଖାଲି
ଏପଟ ସେପଟ ମୁଣ୍ଡରେ ଚାଲଇ
ପିଇଛନ୍ତି କି ମହୁଲି ।

# ବୈଜ୍ଞାନିକଙ୍କ ନିଆରା ଆବିଷ୍କାର : ଏପରି ଅବସ୍ଥାରେ ପାଇଲେ ୩୮ ନିୟୁତ ବର୍ଷ ପୁରଣା ପିମ୍ପୁଡି ଜୀବାଶ୍ମ



ନୂଆଦିଲ୍ଲୀ, ୧୦।୩

ବୈଜ୍ଞାନିକ ମାନେ ସମସ୍ତ ପ୍ରକାରର ଜୀବମାନଙ୍କୁ ନେଇ ଗଭୀର ଅଧ୍ୟୟନ କରନ୍ତି, ବେଳେ ବେଳେ ସେହି ଜୀବମାନଙ୍କ ବିଷୟରେ କିଛି ବିଶେଷ ସୂଚନା ଜାଣିବା ପାଇଁ ଗବେଷଣା କରୁଥିଲେ ମଧ୍ୟ ତାହା ଜାଣିବା ବୈଜ୍ଞାନିକଙ୍କ ପ୍ରତି କଷ୍ଟକର ହୋଇଯାଇଥାଏ । ଜୀବମାନଙ୍କ ପ୍ରଜନନ ବିଷୟରେ ସୂଚନା ପାଇବା ସେମାନଙ୍କ ପାଇଁ ପ୍ରାୟ ଅସମ୍ଭବ ହୋଇଥାଏ । ସେଥିରେ ପୁଣି କୌଣସି ପୁରାତନ ପ୍ରାଣୀର ପ୍ରଜନନ ବିଷୟରେ ସୂଚନା ସଂଗ୍ରହ କରିବା ଆହୁରି କଷ୍ଟକର ବ୍ୟାପାର । କିନ୍ତୁ ଗୋଟିଏ ଘଟଣାରେ ବୈଜ୍ଞାନିକ ମାନେ ୩୮ ନିୟୁତ ବର୍ଷ ପୁରୁଣା ବିଲୁପ୍ତ ପ୍ରଜାତିର ପିମ୍ପୁଡିର ପ୍ରଜନନ କ୍ଷମତା ବିଷୟରେ ସୂଚନା ପାଇ ବହୁତ ଖୁସି ହୋଇଯାଇଛନ୍ତି ।

ଯଦି ଆପଣ କେବେ ଜୁରାସିକ ପାର୍କ ଚଳଚ୍ଚିତ୍ର ଦେଖିଥିବେ ସେହି ଚଳଚ୍ଚିତ୍ରର ଗୋଟିଏ ସିନରେ ଦେଖାଯାଇଥିଲା ଯେ, ଗୋଟିଏ ପଥରରେ ଏକ କୋଟି ବର୍ଷ ପୂର୍ବେ ଜମି ରହିଥିବା ମଶାର ଶରୀରରେ ଗୋଟିଏ ଡାଇନେସୋରର ରକ୍ତକଣିକା ମିଳିଥିଲା, ଯାହାକୁ ସେ ମଶା ନିଜେ ମରିବା ପୂର୍ବରୁ କାମୁଡି ଥିଲା । କିନ୍ତୁ ଏଥର ଘଟଣାରେ କୌଣସି ମଶା ଜମିରହିଥିବାର ନୁହେଁ ଦୁଇଟା ପିମ୍ପୁଡି ପ୍ରଜନନ କରୁଥିବା ସମୟର ଜୀବାଶ୍ମ ମିଳିଛି , ଯାହାକି ଏବେ ବୈଜ୍ଞାନିକ ମାନଙ୍କୁ ଏତେ *(ଭିତର ପୃଷ୍ଠାରେ)*

# ଉପାନ୍ତରୁ ଉପକୂଳ ସବୁଠି ବଢ଼ିବ ପାରଦ, ଆଜିଠୁ ଟାଇଁ ଟାଇଁ ଖରା

ଭୁବନେଶ୍ୱର, ୧୦।୩

ନ୍ୟୁଜ୍ ବ୍ୟୁରୋ

ସୋମବାରଠୁ ଟାଇଁ ଟାଇଁ ଖରା । ଉପାନ୍ତରୁ ଉପକୂଳ ସବୁଠି ବଢ଼ିବ ପାରଦ । ସ୍ୱାଭାବିକ ଠାରୁ ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ୩ ଦିନ ପର୍ଯ୍ୟନ୍ତ ମିଳିବନି ନିସ୍ତାର । ୧୧, ୧୨ ଏବଂ ୧୩ ତାରିଖରେ ରାଜ୍ୟରେ ହଟ ୱେଦର କଣ୍ଡିସନ ଦେଖାଦେବ । ବିଶେଷ କରି ଟୁଇନ୍‌ସିଟି କଟକ ଭୁବନେଶ୍ୱର ସମେତ ବଲାଙ୍ଗୀର, ସମ୍ବଲପୁର, ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର,



ଗଞ୍ଜାମ, ଗଜପତି, ଅନୁଗୁଳ, ଢେଙ୍କାନାଳ, ନୟାଗଡ ଆଦି ଜିଲ୍ଲାରେ ତାପମାତ୍ରା ୩୮ ରୁ ୪୦ ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁବା ସମ୍ଭାବନା ରହିଛି । ମେଘମୁକ୍ତ ଆକାଶ ସହ ବାୟୁମଣ୍ଡଳରେ ଶୁଷ୍କତା ବୃଦ୍ଧି ପାଉଥିବାରୁ ରାଜ୍ୟରେ ଏଭଳି ହଟ ୱେଦର କଣ୍ଡିସନ *(ଭିତର ପୃଷ୍ଠାରେ)*

ଡବ୍ଲୁଟିସି ପଏଣ୍ଟ ଟେବୁଲ ଶୀର୍ଷରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 12 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୪୫ • ୧୧ ମାର୍ଚ୍ଚ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-45 • 11th March 2024, Monday • Bhubaneswar | Licensed to post without pre-payment of postage No- BN-60/22-24

DSPL-823

## ଉଦ୍‌ଘାଟନ

ହରିଶଙ୍କର ମନ୍ଦିର ଉନ୍ନତିକରଣ, ବଲାଙ୍ଗିର

୩ କି.ମି. ବିଶିଷ୍ଟ ଓଡ଼ିଶାର ଦୀର୍ଘତମ ଫ୍ଲାଏ-ଓଭର, ଯୋଡ଼ା, କେନ୍ଦୁଝର

୭୬୨ ମିଟର ଦୈର୍ଘ୍ୟବିଶିଷ୍ଟ ରେଳ ଓଭର-ବ୍ରିଜ କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ବୌଦ୍ଧ ଜିଲ୍ଲାର

ଆଠମଲ୍ଲିକ-ଧଳପୁର ରାସ୍ତାରେ ମହାନଦୀ ଉପରେ ଓଡ଼ିଶାର ଦୀର୍ଘତମ ସେତୁ (୩ କିଲୋମିଟର)

ରାକଡୋର – ଫସାଦ ରାସ୍ତାରେ ତେଲ ନଦୀ ଉପରେ ସେତୁ (୭୨୧ ମିଟର)

ବୌଦ୍ଧ - ମର୍ଯ୍ୟାକୁଦ ସଂଯୋଗୀକରଣ ରାସ୍ତାରେ ମହାନଦୀ ଉପରେ ସେତୁ (୯୩୮ ମିଟର)

## ଭିତ୍ତିପ୍ରସ୍ତର ସ୍ଥାପନ

ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ପୀଠ ଉନ୍ନତିକରଣ, ନେମାଳ, କଟକ

ମା' ଉଗ୍ରତାରା ଶକ୍ତିପୀଠ ଉନ୍ନତିକରଣ, ଖୋର୍ଦ୍ଧା

ବୌଦ୍ଧ ଜିଲ୍ଲାର ବାଉଁଶୁଣୀ – ବୀରମହାରାଜପୁର ସଂଯୋଗୀକରଣ ରାସ୍ତାରେ ମହାନଦୀ ଉପରେ ସେତୁ (୧୭୩୮ ମିଟର)



ମୁଖ୍ୟ ଅତିଥି

## ଶ୍ରୀ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୧ ମାର୍ଚ୍ଚ ୨୦୨୪ || ପୂର୍ବାହ୍ନ ୧୧.୩୦



ଯୋଡ଼ା ଫ୍ଲାଏ-ଓଭର



ହରିଶଙ୍କର ମନ୍ଦିର



ଆଠମଲ୍ଲିକ-ଧଳପୁର ଦୀର୍ଘତମ ସେତୁ



କୁଦିଆରୀ ରେଳ ଓଭର-ବ୍ରିଜ



ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ଗାଦୀ ଓ ପୀଠ



ମା ଉଗ୍ରତାରା ଶକ୍ତିପୀଠ

OIPR : 34174/13/0010/2324

ନିର୍ମାଣ ବିଭାଗ, ଓଡ଼ିଶା ସରକାର

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ

**କେନ୍ଦ୍ର** ସରକାର ଦେଶର ଅର୍ଥନୀତିର ପ୍ରଥମ ଅଗ୍ରୀମ ଆକଳନ ଜାରି କରିଛନ୍ତି। ଏଥିରେ କିଛି ଚିନ୍ତାଜନକ ତଥ୍ୟ ରହିଛି। ତାହା ହେଉଛି ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ଚାଉଳ ଉତ୍ପାଦନ କମିବ। ୨୦୨୨-୨୩ରେ କୃଷି କ୍ଷେତ୍ର ୪ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। କିନ୍ତୁ ୨୦୨୩-୨୪ରେ ଏହି କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ଖସିଯିବ। ଗତ ଚାରି ବର୍ଷ ଭିତରେ କୃଷି କ୍ଷେତ୍ର ଏଭଳି ସ୍ତରକୁ କେବେ ଖସିନଥିଲା। ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବାରୁ କୃଷି ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି। ସେହିପରି, ଚାଉଳ ଉତ୍ପାଦନରେ ୫.୪ ପ୍ରତିଶତ ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର ରିପୋର୍ଟ ଅନୁସାରେ ୨୦୨୩-୨୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ। ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିଲା। ଏନ୍‌ଏସ୍‌ଓର ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ କରିଥିବା ଆକଳନ ଠାରୁ ଅଧିକ ରହିଛି। ଭାରତ ଯଥାକ୍ରମେ ୬.୫ ପ୍ରତିଶତ ଓ ୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପୃଥକ ପୃଥକ ଆକଳନ କରାଯାଇଥିଲା। ଅଗ୍ରୀମ ଆକଳନ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। କାରଣ ସେହି ତଥ୍ୟ ଆଧାରରେ କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତ କରିଥାନ୍ତି।

ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ ୨୦୧୧-୧୨ ମୂଲ୍ୟ ଅନୁସାରେ ଦେଶର ଜିଡିପି ୧୭୧.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ୨୦୨୨-୨୩ରେ ଜିଡିପି ପରିମାଣ ୧୬୦.୦୬ ଲକ୍ଷ କୋଟି ଟଙ୍କା ଥିଲା। ବର୍ତ୍ତମାନ ମୂଲ୍ୟ ଅନୁସାରେ ଜିଡିପି ପରିମାଣ ୨୯୬.୫୮ ଲକ୍ଷ କୋଟି ଟଙ୍କା (୩.୫୭ ଟ୍ରିଲିଅନ ଡଲାର) ହେବ । ୨୦୧୧-୧୨ ମୂଲ୍ୟ ଅନୁସାରେ ମୁଣ୍ଡପିଛା ଆୟ ୨୦୨୩-୨୪ରେ ୬.୪ ପ୍ରତିଶତ ବୃଦ୍ଧି ପାଇ ୧,୨୩,୧୪୪ ଟଙ୍କା ହେବ। କିନ୍ତୁ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨,୧୨,୬୦୦ ଟଙ୍କା ରହିବ।

୨୦୨୩-୨୪ ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ ଯାହା ପୂର୍ବ ଆର୍ଥିକ ବର୍ଷରେ ୪ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ଖଣି ଓ ଖନନ କ୍ଷେତ୍ରର ଅଭିବୃଦ୍ଧି ୮.୧ ପ୍ରତିଶତ, ମାନୁଫାକ୍‌ଚରିଂ ୬.୫ ପ୍ରତିଶତ; ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ଅନ୍ୟାନ୍ୟ କ୍ଷେତ୍ର ୮.୩ ପ୍ରତିଶତ; ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଓ ସେବା କ୍ଷେତ୍ର ୬.୩ ପ୍ରତିଶତ, ନିର୍ମାଣ କ୍ଷେତ୍ର ୧୦.୭ ପ୍ରତିଶତ, ଆର୍ଥିକ, ରିଅଲ ଇଷ୍ଟେଟ୍ ଓ ପ୍ରଫେସନାଲ୍ ସର୍ଭିସ୍ କ୍ଷେତ୍ର ୮.୯ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା କ୍ଷେତ୍ର ୭.୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ଲୋକନାୟକ ଜୟପ୍ରକାଶ ନାରାୟଣ (୨)


ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ଜୟପ୍ରକାଶଙ୍କ ଘଟଣା ବହୁଳ ରାଜନୀତିକ ଜୀବନ। ଛାତ୍ର ଜୀବନରୁ ସେ ଗାନ୍ଧିଜୀଙ୍କ ଆଦର୍ଶ ତଥା ମୁକ୍ତିସଂଗ୍ରାମ ଆଡ଼େ ଆକୃଷ୍ଟ ହେଲେ। ଇଂରେଜମାନେ ସାମ୍ରାଜ୍ୟବାଦୀ, ସେମାନେ ଭାରତର ସ୍ୱାଧୀନତା ଅପହରଣ କଲେ। ଫିରିଙ୍ଗିଙ୍କ ଶାସନ ତ୍ରୁଟିପୂର୍ଣ୍ଣ। ଏସବୁ ବିଷୟରେ ସେ ଛାତ୍ର ଜୀବନରୁ ଅନୁଭବ କଲେ। ଲାହୋର କଂଗ୍ରେସ ଚାଲିଥାଏ। ଜୟପ୍ରକାଶଙ୍କ ପହିଲି ସାକ୍ଷାତ ନେହେରୁଙ୍କ ସହ, ନେହେରୁଙ୍କ ସହ ତାଙ୍କର ବନ୍ଧୁତ୍ୱ ଅତି ନିବିଡ଼ ହେଲା। ଜବାହରଙ୍କ ଧର୍ମପତ୍ନୀ କମଳା ନେହେରୁ, ତାଙ୍କ ସହିତ ଜୟପ୍ରକାଶଙ୍କ ପତ୍ନୀ ପ୍ରଭାବତୀଙ୍କ ସୁଦୃଢ଼ ସମ୍ପର୍କ। ଜୟପ୍ରକାଶ ଶେଷରେ ମୁକ୍ତିସଂଗ୍ରାମରେ ଯୋଗଦେଲେ। ବ୍ରିଟିଶ ଶାସନଭୁକ୍ତ ଏକ ସାମ୍ୟବାଦୀ ଭାରତର ସ୍ୱପ୍ନ ଦେଖିଲେ। ଦଳିତ, ଅବହେଳିତଙ୍କ ଆଖିରେ ସେ ଦେଖିଲେ ସ୍ୱରାଜର ସ୍ୱପ୍ନ। ତାଙ୍କୁ ବହୁଥର ଜେଲ ଯିବାକୁ ପଡ଼ିଛି। ପୁଲିସର ଅକଥନୀୟ ନିର୍ଯ୍ୟାତନା, ଜୁଲମ୍, ଗୋଇଠା, ଲାଠିମାଡ଼, କାହିଁରେ ତାଙ୍କର ନଥିଲା ଭ୍ରୂକ୍ଷେପ। ଶାରୀରିକ ନିର୍ଯ୍ୟାତନା ସହ ମାନସିକ ପୀଡ଼ା ତାଙ୍କୁ ସହ୍ୟ କରିବାକୁ ପଡ଼ିଲା। କଂଗ୍ରେସର କାର୍ଯ୍ୟଶୈଳୀ ସହ ତାଙ୍କର ସମାଜବାଦୀ ଆଦର୍ଶ, ଉଭୟରେ ମେଳ ରହିଲାନି। ଅସନ୍ତୁଷ୍ଟ ଜୟପ୍ରକାଶ। ନେହେରୁଙ୍କ ମନ୍ତ୍ରୀ ମଣ୍ଡଳରେ ଯୋଗଦାନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ।

ମହାନ ମୁକ୍ତିଯୋଦ୍ଧା ଜୟପ୍ରକାଶ। ଭାରତର ମୁକ୍ତିଯୁଦ୍ଧରେ ଜଣେ ସକ୍ରିୟ ସ୍ୱତନ୍ତ୍ରତା ସେନାନୀ। ଗାନ୍ଧିଜୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନ ଡାକରା (୧୯୩୦), ସାରା ଭାରତରେ ଚହଳ ପଡ଼ିଲା। ଗାନ୍ଧିଜୀ ଗୁଜୁରାଟର ଦାଣ୍ଡି ଉପତ୍ୟକାରେ ଲବଣ ଆଇନ ଭଙ୍ଗ କଲେ। ଚାଲିଲା ପୁଲିସର ବର୍ବରୋଚିତ କାଣ୍ଡ, ଗୁଳି, ଲାଠି, ଗିରଫଦାରୀ। ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ଜୟପ୍ରକାଶ ଗିରଫ ହେଲେ (୧୯୩୨)। ଭୋଗିଲେ ଦୁଇବର୍ଷ କାରାକଷଣ, ନାସିକ ଜେଲରେ ଅକଥନୀୟ ନିର୍ଯ୍ୟାତନା ସହିଲେ। ସେଠାରେ ମନୁମାସାନି, ପୁରୁଷୋତ୍ତମ ଦାସ, ଡକ୍ଟର ରାମ ମନୋହର ଲୋହିଆ, ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ସହ ସାକ୍ଷାତ ହେଲା। ଏମାନେ ସମସ୍ତେ ସମାଜବାଦୀ। ତାଙ୍କ ସହ ଯୋଗଦେଲେ ନରେନ୍ଦ୍ର ଦେବ। ଏମାନେ ସମାଜବାଦୀ ଦଳଟେ ଗଢ଼ିବାର ନିଷ୍ପତ୍ତି ନେଲେ। ଶେଷରେ ସେମାନଙ୍କୁ ଜେଲଖାନାରୁ ମୁକ୍ତି ମିଳିଲା। ୧୯୩୪ ମସିହା ଅକ୍ଟୋବର ୨୧, ୨୨ ତାରିଖ। ବମ୍ବେର ବରେଲିସ୍ଥିତ ରେଡ଼ି ମନି ଟେରେସ୍‌ଠାରେ ସମାଜବାଦୀ କର୍ମୀଏ ଏକତ୍ର ହେଲେ। ସେମାନଙ୍କ ସଂଖ୍ୟା ୧୫୦। ଗଠିତ ହେଲା 'କଂଗ୍ରେସ ସୋସାଲିଷ୍ଟ ପାର୍ଟି'। ଦଳର ଦ୍ୱିତୀୟ ଅଧିବେଶନ ହେଲା ମେରଠ଼ ଠାରେ (୧୯୩୬)। ଏଥିରେ ଅଧକ୍ଷତା କଲେ କମଳାଦେବୀ ଚଟ୍ଟୋପାଧ୍ୟାୟ। ଦଳର ତୃତୀୟ ଅଧିବେଶନ ହେଲା ଫୈଜପୁରରେ ଅଧ୍ୟକ୍ଷତା କଲେ ଜୟପ୍ରକାଶ। ମନୁମସାନିଙ୍କ ଅଧ୍ୟକ୍ଷତାରେ ଲାହୋରଠାରେ ଦଳର ଚତୁର୍ଥ ଅଧିବେଶନ ଅନୁଷ୍ଠିତ ହୋଇଥିଲା (୧୯୩୮)। ମୁକ୍ତିସଂଗ୍ରାମକୁ ତ୍ୱରାନ୍ୱିତ କରିବାର ପନ୍ଥା ଅଧିବେଶନ ଗୁଡ଼ିକରେ ସ୍ଥିରୀକୃତ ହେଲା। କଂଗ୍ରେସ ସୋସାଲିଷ୍ଟ ପାର୍ଟିରେ ସ୍ଥାୟୀ ସଭାପତି ଆଚାର୍ଯ୍ୟ ନରେନ୍ଦ୍ରଦେବ ରହିଲେ। ଜୟପ୍ରକାଶ ହେଲେ ସେକ୍ରେଟାରୀ। କଂଗ୍ରେସ ଦଳ ମଧ୍ୟରେ ଏଇ ବାମପନ୍ଥୀମାନେ ସ୍ୱ ସ୍ୱ ଆଦର୍ଶରେ ଆଗେଇ ଚାଲିଲେ।

କାରାକଷଣ ଜୟପ୍ରକାଶଙ୍କ ପାଇଁ ଥିଲା ଅମାନବୀୟ। ଫିରିଙ୍ଗି ବାହିନୀ ଥିଲେ ନିର୍ଦ୍ଦୟ। ଜୟପ୍ରକାଶଙ୍କ ବିପ୍ଳବାତ୍ମକ ପଦକ୍ଷେପ, ବ୍ରିଟିଶର ହୃତକମ୍ପ ହେଲା, ହେଲେ କାରାକକ୍ଷ ଥିଲା ତାଙ୍କ ପାଇଁ ସୃଜନର ଜନନୀ। ଜୟପ୍ରକାଶ ଲେଖାଲେଖି ଆରମ୍ଭ କଲେ, ବିଭିନ୍ନ ପ୍ରକାର ଖବରକାଗଜ ପାଠ କଲେ। ସମାଜବାଦର ବାର୍ତ୍ତା ପ୍ରସ୍ତୁତ ପାଇଁ ପ୍ରକୃଷ୍ଟ କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଜୟପ୍ରକାଶ କାରାଗାରରୁ ମୁକ୍ତି ପାଇଲେ (୧୯୩୪)। ୧୯୩୬ ମସିହାରେ ନେହେରୁ ହେଲେ କଂଗ୍ରେସ ସଭାପତି। ସେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ତିନି ଜଣଙ୍କୁ କାର୍ଯ୍ୟକାରୀ କମିଟିରେ ଗ୍ରହଣ କଲେ। ସେମାନେ ହେଲେ ଆଚାର୍ଯ୍ୟ ନରେନ୍ଦ୍ରଦେବ, ଅଚ୍ୟୁତ ପଟ୍ଟବର୍ଦ୍ଧନଙ୍କ ସହ ଜୟପ୍ରକାଶ। ଜୟପ୍ରକାଶ ନିଜ ପାର୍ଟି ସେକ୍ରେଟାରୀ ପଦବୀରୁ ଇସ୍ତଫା ଦେଲେ। ଘଟିଲା ଏକ ନାରକୀୟ ଘଟଣା। କଂଗ୍ରେସ ଅନ୍ତରୀଣ ସରକାରରେ ଯୋଗ ଦେଲେ (୧୯୩୬)। ଏହାର ପ୍ରତିବାଦରେ ଜୟପ୍ରକାଶ ଇସ୍ତଫା ଦେଲେ, ପୁନଃ ଫେରି ପାଇଲେ ତାଙ୍କ ପାର୍ଟିର ସେକ୍ରେଟାରୀ ପଦବୀକୁ। ୧୯୩୯ ମସିହା, ୟୁରୋପ ଆକାଶରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା। ତ୍ରସ୍ତ ମାନବ ସମାଜ, ବ୍ରିଟିଶ୍ ସରକାର ଭାରତୀୟ ସୈନ୍ୟଙ୍କୁ ଯୁଦ୍ଧରେ ନିୟୋଜିତ କଲା। କଂଗ୍ରେସ ଏହାର ଘୋର ବିରୋଧ କଲା। ଜୟପ୍ରକାଶ ସମ୍ପୂର୍ଣ୍ଣ ସକ୍ରିୟ ହୋଇଗଲେ। ଇଂରେଜଙ୍କର ଏଇ ପ୍ରକାର ମାନସିକତାକୁ ପ୍ରଚଣ୍ଡ ବିରୋଧ କଲେ, ଇଂରେଜମାନଙ୍କ ନିଦ ହଜିଗଲା। ଜୟପ୍ରକାଶଙ୍କୁ ବନ୍ଦୀ କଲେ (୧୯୪୦), ହଜାରୀବାଗର ଏକ ନିବୁଜ କୋଠରୀରେ ତାଙ୍କୁ ନିର୍ଯ୍ୟାତନା ଦିଆଗଲା। ସର୍ବଭାରତୀୟ କଂଗ୍ରେସ କମିଟି ବସିଥାଏ, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ପ୍ରଭାବ ବିସ୍ତାର କଲେ, ଇଂରେଜଙ୍କୁ ଯୁଦ୍ଧରେ ସାହାଯ୍ୟ ପାଇଁ ପ୍ରସ୍ତାବଟେ ଗ୍ରହଣ କରାଗଲା। ଜୟପ୍ରକାଶ କଂଗ୍ରେସର ବିଶ୍ୱାସଘାତକତାରେ କ୍ଷୁବ୍ଧ ହେଲେ। ଏଇ ମର୍ମରେ ନେହେରୁଙ୍କୁ ପତ୍ରଟେ ଲେଖିଲେ। ଭାରତର ଜନସାଧାରଣଙ୍କୁ ପ୍ରତାରିତ କରାଗଲା - ଏଇ ଥିଲା ଚିଠିଟିର ଭାବାର୍ଥ। ଜୟପ୍ରକାଶ ୯ ମାସର କାରାବାସ ପରେ ମୁକ୍ତି ପାଇଲେ। ପୁନଶ୍ଚ ଗିରଫ ହେଲେ (୧୯୪୧)। ମୁମ୍ବାଇର ଆର୍ଥର ରୋଡ଼ ପ୍ରିଜିନ୍‌ରୁ ତାଙ୍କୁ ସ୍ଥାନାନ୍ତର କରାଗଲା ରାଜସ୍ଥାନର ଦିଓଲି କ୍ୟାମ୍ପକୁ। ଉକ୍ତ କ୍ୟାମ୍ପଟି କେବଳ ସଶସ୍ତ୍ର ସଂଗ୍ରାମୀ ଆଉ କମ୍ୟୁନିଷ୍ଟଙ୍କ ପାଇଁ ଉଦ୍ଦିଷ୍ଟ। ଏଠାରେ ଅକଥନୀୟ ନିର୍ଯ୍ୟାତନା ପୁଲିସର। ଜୟପ୍ରକାଶଙ୍କ ସହ ଅନ୍ୟ ଦୁଇଶହ ବନ୍ଦୀ, ଘୋର ବିରୋଧ କଲେ। ଆରମ୍ଭ କଲେ ଅନଶନ, ବାର୍ତ୍ତାଟି ପ୍ରଘଟ ହେଲା। ବହୁ ସ୍ଥାନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିଲା। ଶେଷରେ ଇଂରେଜ ଶାସକ ମୁଣ୍ଡ ନୁଆଁଇଲେ, ବନ୍ଦୀମାନଙ୍କୁ ଆପଣା ଆପଣା ରାଜ୍ୟ କାରାଗାରକୁ ସ୍ଥାନାନ୍ତରିତ କରାଗଲ। ଜୟପ୍ରକାଶ ପାଲଟିଲେ ଜାତୀୟ ନାୟକ (ନାସନାଲ ହିରୋ)। ତାଙ୍କୁ ହଜାରିବାଗ ଜେଲକୁ ପଠାଗଲା (୧୯୪୨)।

ଅଗଷ୍ଟ ୮ ତାରିଖ, ୧୯୪୨ ମସିହା। ସର୍ବଭାରତୀୟ କଂଗ୍ରେସ କମିଟି ଭାରତଛାଡ଼ ଆନ୍ଦୋଳନ ସିଦ୍ଧାନ୍ତ ନେଲେ। ଗାନ୍ଧିଜୀ ଦେଲେ 'କର ଅବା ମର' ଡାକରା। ସେଇ ଆଠ ତାରିଖ ମଧ୍ୟ ରାତ୍ରରେ ଗାନ୍ଧିଜୀ ବନ୍ଦୀ ହେଲେ। ଖବରଟି ଚହଳ ପକାଇଲା। ଆନ୍ଦୋଳନକୁ ତେଜୋଦୀପ୍ତ କରିବାକୁ ଜୟପ୍ରକାଶ ସିଦ୍ଧାନ୍ତ ନେଲେ। ନଭେମ୍ବର ୮ ତାରିଖ ୧୯୪୨ ମସିହା। ଦୀପାବଳୀ ଉତ୍ସବ। ସମସ୍ତେ ଆନନ୍ଦରେ ବିଭୋର। ଜୟପ୍ରକାଶ, ତାଙ୍କର କେଇଜଣ ବିଶ୍ୱସ୍ତ ବନ୍ଧୁ, ଜେଲକାନ୍ଥ ଡେଇଁ ପଳାୟନ କଲେ। ଏ ପ୍ରକାର ଦୁଃସାହସ, ସମସ୍ତେ ଆଶ୍ଚର୍ଯ୍ୟଚକିତ। ଜୟପ୍ରକାଶଙ୍କ ପରି ଜଣେ ସାହାସୀ ଯୁବକ। ଅସମ୍ଭବକୁ ସମ୍ଭବ କଲେ। ଜୟପ୍ରକାଶ ଆରମ୍ଭ କଲେ ଲୁଚାଛପାରେ ବିଦ୍ରୋହ। ବେଶ୍ କିଛି ସମୟ ଅଣ୍ଡରଗ୍ରାଉଣ୍ଡ ପାଲଟିଲେ। କିନ୍ତୁ ଫିରିଙ୍ଗି ପୁଲିସର ଶ୍ୟେନ ଚକ୍ଷୁକୁ ଏଡ଼ାଇ ପାରି ନଥିଲେ। ଶେଷରେ ଧରାପଡ଼ି ବନ୍ଦୀ ହେଲେ (ସେପ୍ଟେମ୍ବର ୧୯, ୧୯୪୩)। ଲାହୋର ଫୋର୍ଟ ଜେଲରେ ବନ୍ଦୀ ଜୀବନ କାଟିଲେ। ମୁକ୍ତି ପାଇଲେ ୧୯୪୬ ମସିହାରେ।

ଲାହୋର ଜେଲର କାରାକଷଣ ଜୟପ୍ରକାଶଙ୍କ ପାଇଁ ଥିଲା ଦୁର୍ବିସହ। ୧୬ ମାସର ବିନିଦ୍ର ରଜନୀ, ମାନସିକ, ଶାରୀରିକ ନିର୍ଯ୍ୟାତନା। ଏସବୁ କଥା ଜୟପ୍ରକାଶ ଲେଖିଥିଲେ ଆପଣା ଡାଏରୀରେ। ନିବୁଜ ଅନ୍ଧକାର କୋଠରୀ। ଏକାକୀ ଜୟପ୍ରକାଶ। ପ୍ରହରୀଟିଏ, ହାତରେ ବନ୍ଧୁକ। ବଏନଟ ତାଙ୍କରି ଆଡ଼କୁ। ତାଙ୍କୁ ନିତି ବାହାର ଅଫିସକୁ ନିଆଯାଏ, ବାମ ହାତରେ ଶୃଙ୍ଖଳ, ଡାହାଣ ହାତ ଚୌକିର ଗୋଟେ ଖୁରାରେ ବନ୍ଧାଯାଏ। ଜୟପ୍ରକାଶ ଚେୟାର ଉପରେ, କେତେ କେତେ ପ୍ରଶ୍ନ, ଉତ୍ତର ଅଦା ପାଇଁ ଅପକୌଶଳ, ସମସ୍ତ ନିର୍ଯ୍ୟାତନା ସତ୍ତ୍ୱେ ତାଙ୍କ ପେଟରୁ କଥା କାଢ଼ି ପାରିନଥିଲା ଫିରିଙ୍ଗି ପୁଲିସ। ଏମିତି ନିତିଦିନିଆ ଯାତନା। ଚୌକିରେ ବସି ଆଖି ଲାଗିଆସେ, ତା' ପରେ ଧକ୍‌କା, ଶୋଇବାକୁ ଦିଆଯାଏନା। ଏପରିକି ତାଙ୍କୁ ଉଲଗ୍ନ କରି ଦୁଇଦିନ ବରଫ ଉପରେ ବସାଇ ଦିଆଗଲା। ସମ୍ବାଦଟି ପ୍ରକାଶ ପାଇଲା ଖବରକାଗଜରେ। ଗଭୀର ଜନ ଅସନ୍ତୋଷ ସୃଷ୍ଟି ହେଲା। ବିକ୍ଷୋଭ, ପ୍ରତିବାଦ ଚାଲିଲା। ଶେଷରେ ରାମମନୋହର ଲୋହିଆ, ଜୟପ୍ରକାଶଙ୍କୁ ଆଗ୍ରା ସେଣ୍ଟ୍ରାଲ ଜେଲ୍‌କୁ ନିଆଗଲା। କିଛି କିଛି ସ୍ୱାଧୀନତା ମିଳିଲା। ଚାଲିଥାଏ 'କର ବା ମର'ର ସଂଗ୍ରାମ। ଗାନ୍ଧିଜୀଙ୍କର ଏ ଆହ୍ୱାନ ତାଙ୍କୁ ଶାନ୍ତି ଦେଲା। ଅହିଂସା ଆନ୍ଦୋଳନ କ'ଣ, କେମିତି ଚାଲେ ଜନତା ଏ ବିଷୟରେ ଅଜ୍ଞ। କ୍ରମେ ଏକ ଗଣସମାଜ ବାହାରିଲେ, ସ୍ୱାଧୀନତା ପାଇଁ ଆଇନକୁ ହାତକୁ ନେଲେ। ଗାନ୍ଧିଜୀ ବଦଳି ଯାଇଥିବା, ଶେଷ ପର୍ଯ୍ୟନ୍ତ ସଂଗ୍ରାମ ନ କରିବା, ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତି ନ ହେବା ଭଳି ସିଦ୍ଧାନ୍ତ ଗ୍ରହଣ କରିବା - ଏମିତି ଧାରଣା ଜୟପ୍ରକାଶଙ୍କ ପରି ଅନ୍ୟ ସମାଜବାଦୀଙ୍କର। ତଥାପି ବିଶ୍ୱର ଯେତେ ଯେତେ ବିପ୍ଳବୀ ଜନ୍ମ ନେଇଛନ୍ତି, ସମସ୍ତଙ୍କ ଠାରୁ ଅଧିକ ସମର୍ଥ ଗାନ୍ଧିଜୀ। ଏଇଟି ଜୟପ୍ରକାଶଙ୍କ ପୂର୍ଣ୍ଣ ଧାରଣା। ପୃଥିବୀ ବକ୍ଷରେ ଅନେକ ବିପ୍ଳବ ସଂଗଠିତ, ସେ ସବୁ ବିଭିନ୍ନ ନୀତି ନିୟମ, ରାଜନୀତିକ ଗତିଧାରା, ଆର୍ଥନୀତିକ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବସିତ। ମଣିଷକୁ ପରିବର୍ତ୍ତନ ପାଇଁ ଯଦି ବିପ୍ଳବ ନ ହୋଇଛି, ସମାଜ ପରିବର୍ତ୍ତନ ସମ୍ଭବ ନୁହେଁ। ଗାନ୍ଧିଜୀଙ୍କ ଏ କଥାଟି ଜୟପ୍ରକାଶଙ୍କୁ ଗଭୀର ପ୍ରଭାବିତ କଲା। ଲେଲିନ୍‌ଙ୍କ ଦେହାବସାନ ହେଲା, ଷ୍ଟାଲିନ୍‌ଙ୍କ ଦୁର୍ବଳ ଶାସନ, ସୃଷ୍ଟି ହେଲା ଏକ ଭୟାନକ ସମୟ, ସୋଭିଏତ ରୁଷ ସହ ତାଙ୍କର ରହିଲାନି ଭଲ ସମ୍ପର୍କ। ଏ ସବୁ ତାଙ୍କ ଡାଏରୀରେ ଲିଖିତ କିଛି ସାରାଂଶ। ଗାନ୍ଧିଜୀଙ୍କ ସହିତ ଆଦର୍ଶଗତ ଅସହମତି। ତଥାପି ଉଭୟ ପତିପତ୍ନୀଙ୍କର ତାଙ୍କ ପ୍ରତି ଥିଲା ପ୍ରଗାଢ଼ ଭକ୍ତି। କାରଣ ଗାନ୍ଧିଜୀ ଥିଲେ ନିର୍ଭୀକ ତଥା ଦୃଢ଼ମନା। ଆପଣ ଜୀବନ ଦାନ ପାଇଁ ସେ କୁଣ୍ଠା ପ୍ରକାଶ କରିନଥିଲେ।

ଜୟପ୍ରକାଶ ନାରାୟଣ ମାର୍କ୍‌ସବାଦୀ। ଭାରତୀୟ ପରିବେଶ ମଧ୍ୟରେ ମାର୍କ୍ସଙ୍କ ଆଦର୍ଶ ପ୍ରୟୋଗ କରିବାକୁ ଚାହିଁଥିଲେ। ଗାନ୍ଧିଜୀ ମାର୍କ୍‌ସପନ୍ଥୀ ନଥିଲେ; ମାତ୍ର ସେ ସମଗ୍ର ଦେଶକୁ ଏକଜୁଟ କରିଦେଲେ। ଏହା କିଛି କମ୍ କଥା ନଥିଲା। ଲବଣ ଆଇନ କଥା। ଏହା ଆଖିକୁ ଛୋଟ ଲାଗେ। ଏହି ବିଷୟକୁ କେନ୍ଦ୍ର କରି ଏକ ବିପ୍ଳବବାଦୀ ଆନ୍ଦୋଳନ ଗଢ଼ି ଉଠିଲା। ଜୟପ୍ରକାଶ କାହିଁକି ତାଙ୍କ ପରି ବହୁ ମାର୍କ୍ସବାଦୀଙ୍କ ଏ କଥାଟି ଚିନ୍ତାର ବାହାରେ ଥିଲା। ଦେଶ ସ୍ୱାଧୀନ ହେଲା, କ୍ଷମତାର ମୋହ ତାଙ୍କୁ ଆକର୍ଷିତ କରି ପାରିଲାନି। ସେ ସକ୍ରିୟ ରାଜନୀତିରୁ ଓହରିଲେ, ଯୋଗଦେଲେ ଭୂଦାନ ଆନ୍ଦେଳନରେ (୧୯୫୪)।

ଆଚାର୍ଯ୍ୟ 'ବିନୋବା ଭାବେ' ଏକ ଶାନ୍ତିପୂର୍ଣ୍ଣ ଉପାୟ ନିର୍ଦ୍ଧାରଣ କଲେ, ଭୂଦାନ ଆନ୍ଦୋଳନର ଶୁଭାରମ୍ଭ ହେଲା। ଜମିଦାର, ଅଧିକ ଭୂସମ୍ପତ୍ତିର ଅଧିକାରୀମାନେ ସ୍ୱଇଚ୍ଛାରେ ଜମି ଦାନ କଲେ। ବଣ୍ଟା ହେଲା ଭୂମିହୀନଙ୍କ ମଧ୍ୟରେ। ସେ ସମୟରେ କମ୍ୟୁନିଷ୍ଟମାନେ ତେଲେଙ୍ଗାନାରେ ସକ୍ରିୟ। ନିଦରବମାନଙ୍କ ଠାରୁ ସମର୍ଥନ ଯୋଗାଡ଼ରେ ସେମାନେ ଲାଗିପଡ଼ିଲେ। ସେଠାରେ ବିନୋବା ବଡ଼ଲୋକଙ୍କ ହୃଦୟ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଲେ। ବହୁ ଜମିଦାର ସେମାନଙ୍କ ସମ୍ପତ୍ତି ସ୍ୱେଚ୍ଛାରେ ଦାନ କଲେ। ଭାରତୀୟ ପାଣିପାଗ ଭିନ୍ନ। ଏଥିରେ ସ୍ୱେଚ୍ଛାକୃତ ଜମି ଦାନ, ଏହା ଦ୍ୱାରା ଆର୍ଥନୀତିକ ସମାନତା ଆଣିବା - ଏକଥାଟି ଜୟପ୍ରକାଶଙ୍କୁ ପ୍ରଥମେ ପ୍ରଭାବିତ କରି ନଥିଲା। ଭୂଦାନ ଯଜ୍ଞ ପ୍ରତି କ୍ରମେ ସମର୍ଥନ ବଢ଼ିଲା। ଡକ୍ଟର ରାଜେନ୍ଦ୍ର ପ୍ରସାଦ ଆପଣାର ବିହାରରେ ଥିବା ସମ୍ପତ୍ତି ଦାନ କରିଦେଲେ। ୧୯୫୨ ମସିହାରେ ବନାରସରେ ଚାଲିଲା ସର୍ବୋଦୟ ସମ୍ମିଳନୀ। ଉକ୍ତ ସମ୍ମିଳନୀରେ ବିନୋବା ଏକ ରୋଚକ ସମ୍ବାଦଟେ ଦେଲେ। ୫୦ ନିୟୁତ ଏକର ଜମି ଦାନ ସ୍ୱରୂପ ମିଳିଛି, ଏହି ଜମିକୁ ଭୂମିହୀନଙ୍କ ମଧ୍ୟରେ ବଣ୍ଟାଯିବ। ସମବେତ ଜନତା ଉତ୍ସାହୀ ହେଲେ। ପ୍ରଭାବିତ ହେଲେ ଜୟପ୍ରକାଶ। ଭୂଦାନ ଆନ୍ଦୋଳନରେ ସକ୍ରିୟ ହେଲେ। ସାମାଜିକ ପୁନର୍ଗଠନ ପାଇଁ ଭୂଦାନ ଆନ୍ଦୋଳନ ଏକ ଉତ୍ତମ ପନ୍ଥା। ଏକଥାଟି ତାଙ୍କର ହୃଦ୍‌ବୋଧ ହେଲା। ବିନୋବାଙ୍କ ସର୍ବୋଦୟ ଆନ୍ଦୋଳନକୁ ଆଗେଇ ନେବାକୁ ସଂକଳ୍ପବଦ୍ଧ ହେଲେ ଜୟପ୍ରକାଶ। ତାଙ୍କର ବ୍ୟକ୍ତିଗତ ଉଦ୍ୟମ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ବହୁ ଥିଲାବାଲାଙ୍କ ଉପରେ ପ୍ରଭାବ ପକାଇଲା। ସେମାନେ ନିଜର ଭୂମିଦାନ କଲେ। ଜୟପ୍ରକାଶ ବହୁ ଦରିଦ୍ରଙ୍କୁ ସେଇ ସବୁ ଜମି ବଣ୍ଟନ କଲେ। ସର୍ବୋଦୟ ଆନ୍ଦୋଳନରେ ଆପଣାର ମନପ୍ରାଣ ସମର୍ପି ଦେଲେ। ବୁଦ୍ଧଗୟା (ବୁଦ୍ଧଙ୍କ ଜ୍ଞାନପ୍ରାପ୍ତି ସ୍ଥାନ) ଠାରେ ଏକ ସଭାରେ ନିଜ ମନକଥା କହିଦେଲେ। ଭୂଦାନ ଆନ୍ଦୋଳନ ପାଇଁ ସେ ଆପଣାର ଜୀବନ ଦେବାକୁ ପ୍ରସ୍ତୁତ, ଏକଥା ବି କହିଲେ। ଗୟା ଓ ହଜାରୀବାଗ ଜିଲ୍ଲାର ଏକ ମଧ୍ୟବର୍ତ୍ତୀ ସ୍ଥାନ 'ସୁଖଦେବରା'। ସେଠାରେ ସର୍ବୋଦୟ ଆଶ୍ରମଟେ ପ୍ରତିଷ୍ଠା କଲେ। ସ୍ତ୍ରୀ ପ୍ରଭାବତୀ ଏଥିରେ ରହିଲେ ପ୍ରଧାନ ସହଯୋଗିନୀ। ଗ୍ରାମ ପୁନଃର୍ଗଠନ, ଗ୍ରାମ ସ୍ୱରାଜ୍ୟ, କୃଷି ବିକାଶ କାର୍ଯ୍ୟକ୍ରମ ଆଦି ବହୁ ବିକାଶମୂଳକ କାମରେ ମନୋନିବେଶ କଲେ। ଏହିସବୁ କାର୍ଯ୍ୟ ତାଙ୍କ ଲୋକପ୍ରିୟତାକୁ ବୃଦ୍ଧି କଲା। ଭୂଦାନ ଆନ୍ଦୋଳନ ସମୟରେ ସେ ଦେଶର ବିଭିନ୍ନ ସ୍ଥାନ ବୁଲିଲେ। ଓଡ଼ିଶା ବି ଆସିଲେ। ସମ୍ବଲପୁର, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୋଳା, ଭୁବନେଶ୍ୱର, କଟକ ଆଦି ସ୍ଥାନରେ ସଭାମାନ ଆୟୋଜିତ ହେଲା। ଏହି ସଭାରେ ଜୟପ୍ରକାଶଙ୍କ ଭୂଦାନ ସମ୍ପର୍କିତ ଅଭିଭାଷଣ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର। ସେ ସମୟର ବହୁ ଗାନ୍ଧିବାଦୀଙ୍କ ପ୍ରାଣକୁ ତାହା ଛୁଇଁଲା। ଗୋପବନ୍ଧୁ ଚୌଧୁରୀ, ବିଜୁ ପଟ୍ଟନାୟକଙ୍କ ସହ ଆହୁରି ଅନେକ। ସେମାନେ ଭୂଦାନ ଯଜ୍ଞର ମହାନତା ଉପଲବ୍ଧି କଲେ। ଜୟପ୍ରକାଶଙ୍କ ସହ ମିଶି ଓଡ଼ିଶାର ପ୍ରଗତି କଥା ଚିନ୍ତା କଲେ। ବିନୋବାଙ୍କ ପରେ ଜୟପ୍ରକାଶ ଭୂଦାନ ଆନ୍ଦୋଳନର ସଫଳତାର ମାର୍ଗ ଫିଟାଇଲେ। (କ୍ରମଶଃ)

# ଉପଲବ୍ଧରୁ ଅଧିକ ବିନିଯୋଗ


ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ- ୯୪୩୭୬୪୨୯୪୭

ସମସ୍ତେ ଜାଣନ୍ତି ବ୍ରହ୍ମାଣ୍ଡରେ ପୃଥିବୀ ଏକମାତ୍ର ଗ୍ରହ ଯେଉଁଠାରେ ଜଳ ଏବଂ ଜୀବନ ଅଛି। ଏହା ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ ବ୍ୟତୀତ, ଇକୋସିଷ୍ଟମ ଏବଂ ଜଳବାୟୁକୁ ମଧ୍ୟ ବଜାୟ ରଖିଥାଏ। ଯାହା ଉପରେ ଆମର ଉଭୟ କୃତ୍ରିମ ଏବଂ ପ୍ରାକୃତିକ ଦୁନିଆ ନିର୍ଭର କରେ ।ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ପରିବର୍ତ୍ତିତ ଜଳବାୟୁ ମଧ୍ୟରେ ସମଗ୍ର ବିଶ୍ୱରେ ଜଳ ଶଂକଟ ବୃଦ୍ଧି ପାଇବାରେ ଲାଗିଛି । ପୃଥିବୀର ୭୦ ପ୍ରତିଶତ ଅଂଶ ଜଳରେ ଆଚ୍ଛାଦିତ, ମାତ୍ର ଏକ ପ୍ରତିଶତ ସହଜରେ ଉପଲବ୍ଧ । ଅତ୍ୟଧିକ ଶୋଷଣ, ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଭୂତଳ ଜଳ ସମ୍ପଦ ଉପରେ ଚାପ ବଢ଼ାଉଛି। ମୁଖ୍ୟତଃ କମ୍ ଉପଲବ୍ଧ ଯୋଗୁଁ ପୃଥିବୀର ୬ଟି ଦେଶ ମୁଖ୍ୟତଃ ଜଳ ସଙ୍କଟ ଦେଶ। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଏହା ଆହୁରି ବୃଦ୍ଧି ପାଇଛି, ଯାହା କି ୨୦ ବର୍ଷ ମଧ୍ୟରେ ପ୍ରାୟ ଦ୍ୱିଗୁଣିତ । ଉଦାହରଣ ସ୍ୱରୂପ, ସାଉଦି ଆରବ, ଯାହା ଜିସିସି ଜନସଂଖ୍ୟାର ୬୦ ପ୍ରତିଶତରୁ ଅଧିକ ଅଟେ, ବର୍ତ୍ତମାନ ଆମେରିକା ଏବଂ କାନାଡା ପରେ ବିଶ୍ୱର ତୃତୀୟ ବୃହତ୍ତମ ମୁଣ୍ଡପିଛା ଜଳ ଉପଭୋକ୍ତା । ଜିସିସି ଦେଶଗୁଡ଼ିକରେ ଚାଷ ଜମି ୫ ପ୍ରତିଶତରୁ କମ୍ ରହିଛି। କୃଷି ଜଳର ଚାହିଦା ମୁଖ୍ୟତଃ ଭୂତଳ ଜଳ ଶୋଷଣ ଦ୍ୱାରା ପୂରଣ ହୁଏ, ଯାହା ଭୂତଳ ଜଳସ୍ତରରେ ଉଲ୍ଲେଖନୀୟ ହ୍ରାସ ଆଣିଥାଏ । ନାସା ଉପଗ୍ରହ ତଥ୍ୟ କୁ ବ୍ୟବହାର କରି ୨୦୧୯ରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିଶ୍ୱର ୩୭ଟି ବୃହତ୍ତମ ଜଳଭଣ୍ଡାର ମଧ୍ୟରୁ ଆରବ ଉପଦ୍ୱୀପ ସବୁଠାରୁ ଅଧିକ ଚାପଗ୍ରସ୍ତ । ଏହି ମାମଲାରେ ଭାରତର ସ୍ଥିତି ଆହୁରି ଉଦ୍‌ବେଗଜନକ ରହିଛି ।ସବୁଜ ବିପ୍ଳବ ଦେଶର କୃଷି ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି, ସାର ଓ କୀଟନାଶକର ବ୍ୟାପକ ବ୍ୟବହାର ତଥା ଭୂତଳ ଜଳ ସମ୍ପଦର ବିକାଶ ଉପରେ ଆଧାରିତ ଥିଲା । ୧୯୫୦ ଦଶକର ପ୍ରାରମ୍ଭରେ ଭାରତ ବୃହତ ପରିମାଣର ଭୂତଳ ଜଳ ନଳକୂପଗୁଡ଼ିକୁ ପ୍ରୋତ୍ସାହିତ ଏବଂ ସବସିଡି ଦେଇଥିଲା, ଯାହା ଦ୍ୱାରା ଖୋଳା ଯାଇଥିବା ନଳକୂପ ସଂଖ୍ୟା ୧ ଲକ୍ଷ ରୁ ପ୍ରାୟ ୩୦ ଲକ୍ଷକୁ ବୃଦ୍ଧି ପାଇଥିଲା । ମୁଖ୍ୟତଃ ଗହମ, ଧାନ ଓ ମକା ଭଳି ଫସଲକୁ ଜଳସେଚନ କରିବା ପାଇଁ ଭାରତ ଅନ୍ୟ ଦେଶ ତୁଳନାରେ ଅଧିକ ଭୂତଳ ଜଳ ବ୍ୟବହାର କରିଥାଏ । ଗ୍ରାମାଞ୍ଚଳରେ ମାଗଣା କିମ୍ବା ଶସ୍ତା ବିଜୁଳି ଥିବା ଚାଷୀଙ୍କ ଦ୍ୱାରା ବାରମ୍ବାର ନଳକୂପ ଖନନ ଯୋଗୁଁ ଭୂତଳ ଜଳ ନିଷ୍କାସନ ଆହୁରି ବୃଦ୍ଧି ପାଉଛି ।ଭାରତରେ ବାଷ୍ପୀକରଣ ପରେ ବାର୍ଷିକ ଜଳ ଉପଲବ୍ଧ ହେଉଛି ୧୯୯୯ ବିଲିୟନ କ୍ୟୁବିକ୍ ମିଟର, ସେଥିମଧ୍ୟରୁ ୟୁଟିଲେବଲ ଜଳ କ୍ଷମତା ୧୧୨୨ ଘନ ମିଟର ଅଟେ । ଭାରତ ବିଶ୍ୱର ଭୂତଳ ଜଳର ସର୍ବବୃହତ ଉପଭୋକ୍ତା, ଯାହାର ଆନୁମାନିକ ବ୍ୟବହାର ବାର୍ଷିକ ପ୍ରାୟ ସମୁଦାୟ ବିଶ୍ୱ ବ୍ୟବହାରର ଏକ ଚତୁର୍ଥାଂଶରୁ ଅଧିକ ଅଟେ । ଜଳସେଚିତ କୃଷିର ୬୦ ପ୍ରତିଶତ ରୁ ଅଧିକ ଏବଂ ପାନୀୟ ଜଳ ଯୋଗାଣର ୮୫ ପ୍ରତିଶତ ଏହା ଉପରେ ନିର୍ଭର କରେ ଏବଂ ବଢୁଥିବା ଶିଳ୍ପ ଓ ସହର ବିକାଶ ଉପରେ ନିର୍ଭର କରେ । ୨୦୫୦ ସୁଦ୍ଧା ମୁଣ୍ଡପିଛା ଜଳ ଉପଲବ୍ଧତା ୧୨୫୦ ଘନମିଟର ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। କେବଳ ଉତ୍ତର-ପଶ୍ଚିମ, ଓ ଉପଦ୍ୱୀପ ନୁହେଁ, ଦେଶର ଅଧିକାଂଶ ଅଞ୍ଚଳରେ ଏହା ଏକ ଗମ୍ଭୀର ସମସ୍ୟା। ଜନସଂଖ୍ୟାର ୧୭ ପ୍ରତିଶତ ଭାରତୀୟ ବସବାସ କରୁଥିବା ଅଞ୍ଚଳରେ ଜଳ ସମ୍ପଦ ଉପଲବ୍ଧ ନାହିଁ। ଭାରତର ଅଧାରୁ ଅଧିକ ଜନସଂଖ୍ୟା କୌଣସି ନା କୌଣସି ସମୟରେ ଅତ୍ୟଧିକ ଜଳ ଚାପର ସମ୍ମୁଖୀନ ହୁଅନ୍ତି ।ବର୍ତ୍ତମାନ ପୃଥିବୀର ୮୦ ପ୍ରତିଶତରୁ ଅଧିକ ବର୍ଜ୍ୟଜଳ ନଦୀ, ଝରଣା ଓ ସମୁଦ୍ରକୁ ବିଶୋଧିତ ଭାବେ ଛଡ଼ାଯାଉଛି, ଯାହା ଫଳରେ ବ୍ୟାପକ ପରିବେଶ ନଷ୍ଟ ହେବା ସହ ମାନବ ଜଳ ଉତ୍ସ ପ୍ରଦୂଷିତ ହେଉଛି। ଭୂତଳ ଜଳ ପ୍ରଦୂଷିତ ପଦାର୍ଥ ଚିହ୍ନଟ ଏବଂ ପରିଚାଳନା ପାଇଁ ଭୂପୃଷ୍ଠ ଜଳ ତୁଳନାରେ ଏକ ଭିନ୍ନ ଆଭିମୁଖ୍ୟ ଆବଶ୍ୟକ । ଏହା ସ୍ଲୋ ପଏଜନ ପରି ଧୀରେ ଧୀରେ ଗମ୍ଭୀର ପରିଣାମ ଆଡକୁ ଆଗାଉଛି ।ଗୁଣବତ୍ତା ଖରାପ ହୋଇଗଲେ, ସୁସ୍ଥ ହେବାକୁ ବହୁତ ସମୟ ଲାଗିଥାଏ । ସମସ୍ୟା ହେଉଛି ଯେ ଭୂତଳ ଜଳର ଗୁଣବତ୍ତା ପରିଚାଳନା କୁ ସର୍ବସାଧାରଣରେ ଅବହେଳିତ କରାଯାଏ। ମଣିଷ ପ୍ରତିବର୍ଷ ପୃଥିବୀ ପୃଷ୍ଠରୁ ପ୍ରାୟ ୪,୦୦୦ ଘନ କିଲୋମିଟର ଜଳ ଉତ୍ତୋଳନ କରିଥାଏ, ଯାହା କି ପଚାଶ ବର୍ଷ ପୂର୍ବର ଆମର ଉତ୍ତୋଳନର ତିନି ଗୁଣ । ବାର୍ଷିକ ପ୍ରାୟ ୧.୬ ପ୍ରତିଶତ ହାରରେ ଏହା ବୃଦ୍ଧି ପାଉଛି।

ଏଥିରୁ ଅଧିକାଂଶ କୃଷି ପାଇଁ ଖର୍ଚ୍ଚ ହୁଏ । ଶକ୍ତି ଉତ୍ପାଦନ ପାଇଁ ବର୍ତ୍ତମାନ ବିଶ୍ୱର ଜଳ ବ୍ୟବହାର ୧୦ ପ୍ରତିଶତରୁ କମ୍ ଅଟେ । କିନ୍ତୁ ୨୦୩୫ ସୁଦ୍ଧା ବିଶ୍ୱର ଶକ୍ତି ଚାହିଦା ୩୫ ପ୍ରତିଶତ ବୃଦ୍ଧି ପାଇବ, ତେଣୁ ଶକ୍ତି ବ୍ୟବହାର ୬୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଜନସଂଖ୍ୟା ବୃଦ୍ଧି, ଖରାପ ଡ୍ରେନେଜ୍, ଦୁର୍ବଳ ଭିତ୍ତିଭୂମି କାରଣରୁ ବିଶ୍ୱର ଅନେକ ସ୍ଥାନରେ ପର୍ଯ୍ୟାପ୍ତ ସୁରକ୍ଷିତ ଜଳ ଯୋଗାଣ ନାହିଁ। ବିଶ୍ୱର ଇକୋସିଷ୍ଟମ ସେବାର ମୋଟ ମୂଲ୍ୟ ଆନୁମାନିକ ୧୪୭ ଟ୍ରିଲିୟନ ଡଲାର ବୋଲି ଆକଳନ କରାଯାଇଛି, କିନ୍ତୁ ସେଥିମଧ୍ୟରୁ ୬୦ ପ୍ରତିଶତରୁ ଅଧିକ ହ୍ରାସ ପାଉଛି କିମ୍ବା ଅବ୍ୟବହୃତ। ଆଜି ୨.୧ ବିଲିୟନ ଲୋକ ନିରାପଦ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ୪.୫ ବିଲିୟନ ଲୋକ ସୁରକ୍ଷିତ ପରିମଳ ସେବାରୁ ବଞ୍ଚିତ ଅଛନ୍ତି । ଅର୍ଥାତ୍ ପୃଥିବୀର ଲକ୍ଷ ଲକ୍ଷ ପରିବାର ନା ପରିଷ୍କାର ପାଣି ପିଅନ୍ତି, ନା ଶୁଦ୍ଧ ଖାଦ୍ୟ ରୋଷେଇ କରନ୍ତି ନା ବିଶୁଦ୍ଧ ପାଣିରେ ଗାଧୋଇଥାନ୍ତି। ୮୦ ପ୍ରତିଶତରୁ ଅଧିକ ଜଳ ବଞ୍ଚିତ ପରିବାର ପାଣି ସଂରକ୍ଷଣ ପାଇଁ ମହିଳାଙ୍କ ଉପରେ ନିର୍ଭର କରନ୍ତି ।ବିଶେଷ କରି ବିକାଶଶୀଳ ଦେଶମାନଙ୍କରେ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଓ ମୃତ୍ୟୁ ହାର ଉପରେ ଏହାର ବଡ଼ ପ୍ରଭାବ ପଡ଼ିଥାଏ। ପ୍ରତିଦିନ ପାଖାପାଖି ୬ ହଜାର ଶିଶୁ ଜଳଜନିତ ରୋଗରେ ପ୍ରାଣ ହରାଉଛନ୍ତି ।ଭୂତଳ ଜଳର ସାଧାରଣ ମଙ୍ଗଳକୁ ଦୃଷ୍ଟିରେ ରଖି ଭୂତଳ ଜଳର ସମ୍ବଳ ରକ୍ଷକ ଭାବରେ ସମସ୍ତେ ନିଜର ଭୂମିକା ନିର୍ବାହ କରିବା ଜରୁରୀ । ଯାହା ଦ୍ୱାରା ଭୂତଳ ଜଳର ଉପଲବ୍ଧତା ଏବଂ ଲାଭ ସମାନ ଭାବରେ ଭବିଷ୍ୟତ ପିଢ଼ି ପାଇଁ ଉପଲବ୍ଧ ହେବ ।

# ଓପନ୍ ବୁକ୍ ଏକଜାମ୍ : ଏକ ଆଲୋଚନା


ଅରୁଣ କୁମାର ତ୍ରିପାଠୀ
ପାରାବେଡ଼ା, ଜୟପୁର (କୋ)
ମୋ: ୯୦୭୮୮୩୮୬୨୭

ଓଡ଼ିଶାର ଆଇନ୍ ପରୀକ୍ଷା ପୂର୍ବେ କିମ୍ଭୁତ କିମାକାର ଢଙ୍ଗରେ ହେଉଥିଲା ଯାହାର ପ୍ରତିଟି ଇଂରାଜି ଅକ୍ଷରକୁ ବ୍ୟଙ୍ଗାତ୍ମକ ଶୈଳୀରେ କୁହାଯାଉଥିଲା ଲୁକ୍ ଏଣ୍ଡ ରାଇଟ୍ । କରୋନା ସମୟରେ ପରୀକ୍ଷା ହେଇପାରୁନଥିଲା , ସମସ୍ତେ ଚିନ୍ତାରେ ଥିଲେ ପରୀକ୍ଷା କିଭଳି କରାଯିବ ଏବଂ ଛାତ୍ରଙ୍କ ଦକ୍ଷତାକୁ କିଭଳି ତଉଲାଯିବ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ଆଇ.ରାମବ୍ରହ୍ମଂ ସେହି ସମୟରେ ଓଡ଼ିଶାର ଶିକ୍ଷା ଜଗତରେ ଗୋଟିଏ ସମ୍ଭାବନା ଦେଖାଇଥିଲେ ଓପନ୍ ବୁକ୍ ଏକଜାମ୍‌ର । ସେହି କରୋନା କାଳରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏହାର ଶିକ୍ଷକମାନଙ୍କୁ ଦୁଇଯୋଡ଼ା ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ଦେଲେ । ଗୋଟିଏ ପାରମ୍ପରିକ ଶୈଳୀ ନିମିତ୍ତ ଏବଂ ଆଉ ଗୋଟିଏ ଓପନ୍ ବୁକ୍ ଏକଜାମ୍ ନିମିତ୍ତ । ଯେଉଁମାନଙ୍କ ପାଖରେ ଲାପଟପ୍ ସହ ଇଣ୍ଟରନେଟ୍ ସୁବିଧା ଥିବ ସେମାନଙ୍କ ନିମିତ୍ତ ଓପନ୍ ବୁକ୍ ଏକଜାମ୍ ତଥା ଯେଉଁମାନଙ୍କ ଅଞ୍ଚଳରେ ସେହି ସୁବିଧା ନଥିବ ସେମାମଙ୍କ ନିମିତ୍ତ ପାରମ୍ପରିକ ଶୈଳୀର ପରୀକ୍ଷା । ଯେଉଁ ସମୟରେ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କୁ ଏହି ବିଷୟରେ ପ୍ରଶ୍ନ ପଚରାଗଲା, ଉତ୍ତର ମାନ କିଛି ଏହିଭଳି ଥିଲା । ଓପନ୍ ବୁକ୍ ଏକଜାମ୍ ପ୍ରଶ୍ନପତ୍ରମାନଙ୍କରେ ବୌଦ୍ଧିକତାକୁ ବ୍ୟବହାର କରିବାକୁ ହୁଏ । ବହି ଅବା ଟିପା ଖାତା ଖୋଲିଦେଲେ ସେଥିରୁ ଉତ୍ତର ମିଳେନା । ବିଦ୍ୟାର୍ଥି କେବଳ କିଛି ତଥ୍ୟ ଉତ୍ତର ନିମିତ୍ତ ପାଇବ । ପୁଣି ସମସ୍ତଙ୍କ ପ୍ରଶ୍ନ ଭିନ୍ନ ରହିବ । କେହି କାହାକୁ ପ୍ରେରଣ କରିବାର ସୁଯୋଗ ମଧ୍ୟ ପାଇବେ ନାହିଁ । ଘରେ ବସି ସେମାନେ ନିର୍ଦ୍ଦିଷ୍ଟ ସମୟରେ ଲେଖିସାରି ଉତ୍ତର ଫର୍ଦ୍ଦ ମାନଙ୍କର ଫଟୋ ଉଠେଇ ପରୀକ୍ଷା ନିୟନ୍ତ୍ରକଙ୍କ ମେଲ୍‌ରେ ଅବା ୱାଟସଅପରେ ପଠେଇବେ । ତେବେ ନିକଟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଏହାର ଦଶମ ଏବଂ ଦ୍ୱାଦଶ ପରୀକ୍ଷା ନିମିତ୍ତ ଓପନ୍ ବୁକ୍ ଏକଜାମ କରିବା ଚିନ୍ତା କରୁଛି । ଏହି ପରିପ୍ରେକ୍ଷୀରେ ଆଜିର ଆଲୋଚନା , କେତେଦୂର ସୁହାଇବ ଓପନ୍ ବୁକ୍ ଏକଜାମ୍ ।

ଭାରତରେ ୧୯୩୫ ମସିହାରେ ରବୀନ୍ଦ୍ର ନାଥ ଠାକୁରଙ୍କ ଦ୍ୱାରା ଓପନ୍ ବୁକ୍ ଏକଜାମ କରାଯାଇଥିଲା, ଯାହାର ନାମ ଥିଲା ଲୋକ ଶିକ୍ଷା ସଂସଦ । କିନ୍ତୁ ବିଭିନ୍ନ କାରଣରୁ ସେୟା ଚାଲିପାରିଲା ନାହିଁ । ବର୍ତ୍ତମାନ ଭାରତରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟ, ପୁନା, କଳିଙ୍ଗ ବିଶ୍ୱବିଦ୍ୟାଳୟ, ରାୟପୁର ତଥା ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ, ପଞ୍ଜାବରେ ଏହି ପଦ୍ଧତି ଅନୁସୃତ । ଆମେରିକା ଭଳି ବିକଶିତ ଦେଶରେ ଏହି ପଦ୍ଧତି ଅନେକ ଦିନରୁ ଅନୁସୃତ । ତେବେ କୌଣସି ଦେଶରେ ବିଦ୍ୟାଳୟ ଶିକ୍ଷାରେ ଏହା ଲାଗୁ କରାଯାଇନାହିଁ । ସିବିଏସଇ କହିଛି ଜାତୀୟ ପାଠ୍ୟଖସଡ଼ା ଢାଞ୍ଚାକୁ ଆଖିଆଗରେ ରଖି ଏହି ବ୍ୟବସ୍ଥାକୁ ବିସ୍ତାର କରାଯିବ । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ବା ସିବିଏସଇ ଚଳିତ ବର୍ଷ କିଛି ନିର୍ବାଚିତ ସ୍କୁଲ ମାନଙ୍କରେ ନଭେମ୍ବର ଏବଂ ଡିସେମ୍ବର ମାସରେ ନବମ ଏବଂ ଦଶମ ଶ୍ରେଣି ପିଲାଙ୍କ ଇଂଲିସ୍, ଗଣିତ ଏବଂ ବିଜ୍ଞାନ ପରୀକ୍ଷା ପ୍ରାରମ୍ଭିକ ଅଧ୍ୟୟନ ( ପାଇଲଟ୍ ଷ୍ଟଡ଼ି) ଭିତ୍ତିରେ କରେଇବାର ଲକ୍ଷ୍ୟ ସାଧନ କରିଅଛି । ସେହିଭଳି ଏକାଦଶ ଏବଂ ଦ୍ୱାଦଶ ପିଲାଙ୍କ ଇଂଲିସ୍, ଗଣିତ ଏବଂ ଜୀବ ବିଜ୍ଞାନକୁ ମଧ୍ୟ ଅନୁରୂପେ ତଉଲା ଯିବ । ଏହାର ଫଳାଫଳ ଦେଖି ଅନ୍ୟ ସ୍କୁଲ ମାନଙ୍କରେ ଅବା ପୂର୍ଣ୍ଣତଃ ନିୟମ ଲାଗୁକରାଯିବ।

ଆଜିଯାଏଁ ଯେଉଁସବୁ ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଇଥିଲା, ସେଥିରେ ମନେରଖିବାକୁ ଗୁରୁତ୍ୱ ଦିଆଯାଉଥିଲା । ବୁଝିବା କଳାକୁ ପ୍ରତ୍ୟକ୍ଷରେ କେବେମଧ ଗୁରୁତ୍ୱ ଦିଆଯାଇନଥିଲା । ପାରମ୍ପରିକ ପରୀକ୍ଷା ଶୈଳୀରେ ବହୁତ ସାରା ଜିନିଷ ମନେ ରଖିବାକୁ ହୁଏ, ଯାହା ପରବର୍ତ୍ତୀ ସମୟରେ ଦୈନନ୍ଦିନ ଅବଶ୍ୟକତା ମାନଙ୍କରେ ଜମା ଆବଶ୍ୟକ ହୁଏ ନାହିଁ । ଓପନ୍ ବୁକ୍ ଏକଜାମ୍ ଅପରପକ୍ଷରେ ବିଷୟଟି ବୁଝିବା, ବିଷୟଗତ ଜ୍ଞାନର ପ୍ରୟୋଗ କରିବା ଉପରେ ଦୃଷ୍ଟି ଦିଏ । ପୂର୍ଣ୍ଣତଃ ଅବବୋଧ ଉପରେ ଗୁରୁତ୍ୱାରୋପ କରୁଥିବା ଏକ ପ୍ରକ୍ରିୟା, ଛାତ୍ରଛାତ୍ରୀଙ୍କ ମାନସକୁ ଉତ୍ତମ ଭାବେ ତାଲିମ ଦେଇ ବିକଶିତ କରିବ । ଏଥି ନିମିତ୍ତ କିନ୍ତୁ ଉପଯୁକ୍ତ ଶିକ୍ଷକ ନତୁବା ଥିବା ଶିକ୍ଷକମାନଙ୍କ ଦକ୍ଷତାକୁ ଉପଯୁକ୍ତ ପୋଷଣ କରାଯିବା ଦରକାର । ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟର ଶିକ୍ଷକ ମାନଙ୍କର ରିଫ୍ରେସର କୋର୍ସ କରାଯିବା ଭଳି ସ୍କୁଲ ଶିକ୍ଷକ ମାନଙ୍କୁ ମଧ୍ୟ ଦିଆଯିବା ଉଚିତ । ପରୀକ୍ଷା ପୂର୍ବରୁ ନତୁବା ମାସିକ, ତ୍ରୈମାସିକ ଅବା ଷାଣ୍ମାସିକ ପରୀକ୍ଷାମାନଙ୍କୁ ମଧ୍ୟ ସମାନ ଶୈଳୀରେ କରାଯିବା ଦରକାର । ଏମିତିରେ ଯେଉଁ ଲୁଚାଚୋରାରେ ମାଡ଼ ଦିଅଯାଉଛି ସେୟା ମଧ୍ୟ ଲୋପ ପାଇଯିବ । ପୁଣି ଫଳାଫଳ ଘୋଷଣା ପରେ ଯେଉଁ ଆତ୍ମହତ୍ୟାର ସମ୍ଭାବନା କିଛି ବିଦ୍ୟାର୍ଥିଙ୍କ ମନରେ ଉଙ୍କି ମାରୁଛି, ସେୟା ମଧ୍ୟ କିଛିକାଂଶରେ କମିଯିବ । ଓପନ୍ ବୁକ୍ ଏକଜାମ୍‌ରେ ଗୋଟିଏ ବ୍ୟବସ୍ଥା ରହିଅଛି ଯେ, ଘରେ ରହି ଛାତ୍ର ପରୀକ୍ଷା ଦେବେ । ଏହିପରି କରାଯାଇପାରିଲେ ଅନେକ ପ୍ରଶାସନିକ ତଥା ଯାତାୟତ ଖର୍ଚ୍ଚ ମଧ୍ୟ ବଞ୍ଚିଯିବ । ଯେଉଁସବୁ ଅନୁଷ୍ଠାନ ମାନେ ଅସାଧୁ ଉପାୟ ଅବଲମ୍ବନ କରି ଅଯୋଗ୍ୟ ମାନଙ୍କୁ ବହୁତ ସାରା ମାର୍କ ଦେଇ ଦେଶର କାନ୍ଧମାନଙ୍କୁ କଞ୍ଚାଇଟା ଭରିଦେଉଥିଲେ, ସେମାନଙ୍କ ଅପପ୍ରବେଶରୁ ଦେଶ ମଧ୍ୟ ରକ୍ଷା ପାଇଯିବ । ପୁଣି ସମ୍ଭାବନା ଉପୁଜୁଛି ଯେ ପିତାମାତା ଛାତ୍ରଙ୍କ ନିମିତ୍ତ ପରୀକ୍ଷାରେ ଲେଖିଦେବେ। କିନ୍ତୁ ପତିମାତାଙ୍କୁ ମଧ୍ୟ ସେଥିନିମିତ୍ତ ପୁରା ବହିଟି ପଢିବାକୁ ହେବ । ଛତୁ ଫୁଟିଲା ଭଳି ଟିଉସନ ଯେଉଁଭଳି ଖୋଲିଯାଉଥିଲା, ତାହାବି କିଛି ମାତ୍ରାରେ ନିୟନ୍ତ୍ରିତ ହେଇପାରିବ ।

ଯଦି ଦେଶରେ ଓପନ୍ ବୁକ୍ ଏକଜାମ ଲାଗୁ କରାଯାଏ ତେବେ ଛାତ୍ର ବୁଝି ପାରିବେ ତାଙ୍କ ସହ କ'ଣ ହେଉଛି । ପରୀକ୍ଷା କ'ଣ, ପରୀକ୍ଷାର ଜୀବନରେ ମହତ୍ତ୍ୱ କ'ଣ । ସାଧାରଣତଃ ବିଦ୍ୟାଳୟ ସମୟର ପାଠମାନ କେହି ମନେ ରଖିପାରନ୍ତିନି ନତୁବା ସେହିମଧ୍ୟରେ ଥିବା ନୀତିଶିକ୍ଷାମାନେ ଶରୀରରେ ରକ୍ତର ସୃଜନ ଭଳି ମାନସରେ ଭରିରହେ । କିନ୍ତୁ ଏହି ପରୀକ୍ଷାରେ ପିଲାଙ୍କୁ ଅତି ପାଖରୁ ବିଷୟର ସାରମର୍ମ ହଜମ କରିବାକୁ ଦିଆଯିବ । ଗୁରୁନିନ୍ଦା କୁଳକ୍ଷୟ ବୋଲି ଯଦିଓ ଶାସ୍ତ୍ର କୁହେ କିନ୍ତୁ ଅନେକ ସ୍ଥାନରେ ବିଭିନ୍ନ କାରଣ ବଶତଃ କିମ୍ଭୂତକିମାକାର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦେଖିବାକୁ ମିଳେ । ଏହି ବ୍ୟବସ୍ଥାରେ ଯଦି ଉପଯୁକ୍ତ ପରିଚାଳନା ଏବଂ ନିୟନ୍ତ୍ରଣ କରାଯାଇପାରିଲା ତେବେ ସେହି ଅପାରଗ ମାନେ ମଧ୍ୟ ସୁଧୁରିଯିବେ । କୌଣସି ଘଟଣା ସହଜ ଅବା ଗ୍ରହଣୀୟ ହେଇନଥାଏ । ଜୀବନରେ କିଛିଦିନ ତାହା ସହ ବଞ୍ଚିଲେ ସେ ଆପେ ସଂଶ୍ଳିଷ୍ଟ ହେଇଯାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# କାମରେ ଆସୁନି ମଣ୍ଡଳ ପ୍ରାଣୀ ଚିକିତ୍ସା କେନ୍ଦ୍ର : ଉଦ୍‌ଘାଟନ ପରଠାରୁ ତାଲା ଝୁଲୁଛି




**ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ**

ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ କୌଣସି କାର୍ଯ୍ୟରେ ଆସୁନଥିବାର ଅଭିଯୋଗ ହୋଇଛି। ଉଦଘାଟନ ପରଠାରୁ ଏହି ଗୃହରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ଉପରେ ବ୍ଲକର ୪୧ଟି ଗ୍ରାମପଞ୍ଚାୟତର ଶହ ଶହ ଲୋକ ସେମାନଙ୍କର ଗାଈଗୋରୁ ଛେଳିମେଣ୍ଢା ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି। କିନ୍ତୁ ଏହି କାର୍ଯ୍ୟାଳୟର ଗୃହ ସମସ୍ୟା ରହିଥିଲା। ଏପରିକି ଏକ ବିପଦ ସଙ୍କୁଳ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଗୃହରେ କାର୍ଯ୍ୟାଳୟ ଅତି ଦୟନୀୟ ଭାବେ ଚାଲିଥିଲା। ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ସରକାର ଏହି କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରିଥିଲେ। ଗତ ଡିସେମ୍ବର ୭ ତାରିଖ ଦିନ ମାହାଙ୍ଗା ବିଧାୟକ ପ୍ରତାପ ଜେନା, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଆନୁଷ୍ଠାନିକ ଭାବେ ଏହି ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟାଳୟ ଲୋକାର୍ପଣ ହେବା ପରେ ଲୋକଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା। ମାତ୍ର ଉଦଘାଟନ ପର ଠାରୁ ଏହି ନୂତନ ଗୃହରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଛି। ପୂର୍ବପରି ଜରାଜୀର୍ଣ୍ଣ ଅବସ୍ଥାରେ ଓ ବିପଦ ସଙ୍କୁଳ ପୂର୍ବ ଗୃହରେ କାର୍ଯ୍ୟାଳୟ ଚାଲୁଥିବାର ଦେଖିବାକୁ ମିଳିଛି। ଏହି ବିପଦ ସଙ୍କୁଳ ଗୃହ କେତେବେଳ ଭୁଷୁଡି ନିରିହ କର୍ମଚାରୀ ଓ ସାଧାରଣ ଲୋକଙ୍କ ଜୀବନ ଦୀପକୁ ଲିଭାଇଦେବ ତାହା କହିହେଉନାହିଁ। ତୁରନ୍ତ ଏହି କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ପ୍ରଫେସର ଭି. ସର୍ବେଶ୍ୱର ରାଓଙ୍କ ପରଲୋକ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ପ୍ରଫେସର ଭି .ସର୍ବେଶ୍ୱର ରାଓ (୭୩ ବର୍ଷ)ଙ୍କ ଗତ ରାତିରେ ଏମ.କେ.ସି.ଜି.ମେଡିକାଲ କଲେଜ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତ ପରଲୋକ ହୋଇଯାଇଛି। ଧର୍ମପତ୍ନୀ ଶ୍ରୀମତୀ ମଞ୍ଜୁଶ୍ରୀ ପଟ୍ଟନାୟକ, ଏକ ମାତ୍ର ପୁତ୍ର ଅଭିଶେକ, ବୋହୁ ଶ୍ରୀମତୀ ସୁଚିସ୍ମିତା ଦାସଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସ୍ୱର୍ଗତ ରାଓଙ୍କ ଅନ୍ତିମ ଶଯ୍ୟା ନିକଟରେ ଥିଲେ। ପ୍ରଫେସର ରାଓ ଦୀର୍ଘଦିନ ଧରି ଅଧ୍ୟାପନା କରିବା ଅବସରରେ ଛତ୍ରପୁର, ଗଞ୍ଜାମ, ନୂଆପଡା,ଦିଗପହଣ୍ଡି କଲେଜରେ ଅଧ୍ୟାପକ ଥିଲେ ଏବଂ ବ୍ରହ୍ମପୁର ସିଟି କଲେଜରେ ଅଧ୍ୟକ୍ଷ ରହି ଅବସର ଗ୍ରହଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପରୀକ୍ଷା ପରିଚାଳନା ବେଳେ ସେ ସ୍କ୍ୱାର୍ଡରେ ସଦସ୍ୟ ଭାବେ ମଧ ଦାୟିତ୍ୱ ତୁଲାଇଥିଲେ। ପ୍ରଫେସର ରାଓଙ୍କ ବିୟୋଗରେ ଶିକ୍ଷାବିତ ଶ୍ରୀ ବିଜୟ ମିଶ୍ର, ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ଶ୍ରୀପ୍ରକାଶ ପଟ୍ଟନାୟକଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରି ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଛନ୍ତି।

# ଆତ୍ମ ବିଶ୍ୱାସର ସହ ପ୍ରଗତି ପଥେ ଆଗେଇ ଯିବାକୁ ମହିଳାମାନଙ୍କୁ ଆହ୍ୱାନ

**ବାଲେଶ୍ୱର, ନ୍ୟୁଜ**

କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସମାନୁପାତିକ ସମ୍ମାନ ଦେଇ ଆସୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କୁଳସଚିବ କୁଙ୍କୁମୀନା ଦାସ ଉପସ୍ଥିତ ହୋଇଥିଲେ। ଏଥିସହ ଆମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଫକୀରମୋହନ ମେଡିକାଲ କଲେଜର କୁଳସଚିବ ମନୋରମା ଭୂୟାଁ, ଆଇ ଏମ ଆଇ- ଭୁବନେଶ୍ୱରର ପ୍ରଫେସର ଡ଼କ୍ଟର ସୁପ୍ରିତୀ ମିଶ୍ର, ହରି ଗ୍ରୁପ ଅଫ କମ୍ପାନୀର ନିର୍ଦ୍ଦେଶିକା ଅଲିଭା ଦାସ, ଇସିପି ଇଣ୍ଡଷ୍ଟ୍ରିଜ ଓ ଗ୍ଲେଜ୍ ଗ୍ରୁପର ନିର୍ଦ୍ଦେଶିକା ସୁପ୍ରୀତି ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଏହି ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୪ର ବିଷୟବସ୍ତୁ "ଇନଭେଷ୍ଟ ଇନ୍ ଓମେନ : ଆକ୍ସିଲରେଟ ପ୍ରୋଗ୍ରେସ" (ମହିଳା ମାନଙ୍କ ଠାରେ ବିନିଯୋଗ: ତ୍ୱରାନ୍ୱିତ ପ୍ରଗତି) ସଂପର୍କିତ




ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜର ଉଦବୋଧନରେ ଉଲ୍ଲେଖ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ସମସ୍ତ ମହିଳା ସହକର୍ମୀ, କର୍ମଚାରୀ ଓ ଛାତ୍ରୀମାନଙ୍କୁ ବିଶେଷ ସମ୍ମାନସ୍ୱଦ ବାର୍ତ୍ତା ପ୍ରଦାନ କରିଥିଲେ। ମହିଳା ସୁରକ୍ଷା, ସଶକ୍ତୀକରଣ ଓ ସମୃଦ୍ଧିର ଏକ ନୂତନ ଭାବଧାରା ସୃଷ୍ଟି ଓ ସମ୍ପର୍ଣ୍ଣ ଦିଗରେ ସମାଜ ସଚେତନ ହେଉଛି ତଥା ଏଥି ନେଇ ସମସ୍ତେ ଆତ୍ମବିଶ୍ୱାସ ସହ ଆଗେଇଯିବା ପାଇଁ ଉତ୍ସାହିତ କରିଥିଲେ। ପ୍ରଫେସର ଡ଼କ୍ଟର ସୁପ୍ରିତୀ ମିଶ୍ର, ମହିଳାଙ୍କୁ ନିଜର ସ୍ୱତନ୍ତ୍ର ପରିଚୟ ଗଠନ ଓ ସମସାମୟିକ ଜୀବନରେ ନିଜର ସଶକ୍ତିକରଣ ଦାୟିତ୍ୱ ନେବା ଆବଶ୍ୟକ ବୋଲି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ମହିଳା ଶକ୍ତିର ପ୍ରତୀକ, ଏହି ବାର୍ତ୍ତା ନେଇ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଜିନା ପ୍ରିୟଙ୍କା, ରଶ୍ମିରେଖା ରାଉତଙ୍କ ନେତୃତ୍ୱରେ ଛାତ୍ରୀମାନଙ୍କ ସହ ଏକ ସଂଗଠିତ ବାଇକ ରାଲିର ଆୟୋଜନ ହୋଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଓ ଅଣଶିକ୍ଷକ ମହିଳା କର୍ମଚାରୀଙ୍କ ପ୍ରଯୋଜିତ ଓଡ଼ିଶୀନୃତ୍ୟ, ସଂଗୀତ, କ୍ଷୁଦ୍ର ନାଟକ, କ୍ଷୁଦ୍ରଗଳ୍ପ ପଠନ, ନାଚ, ଫେସନ ସୋ ଆଦି ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ମୂଖ୍ୟ, ଅଣଶିକ୍ଷକ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀମାନଙ୍କର ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା।

# ମହିଳା କର୍ମଚାରୀମାନେ ସୋଆ ବିଶ୍ୱବିଦ୍ୟାଳୟର ଗୌରବ : ଶାଶ୍ୱତି ଦାସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ କାର୍ଯ୍ୟରତ ମହିଳାମାନେ କେବଳ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ କ୍ଷେତ୍ରରେ ନୁହେଁ ବରଂ ବିଭିନ୍ନ ବିଭାଗରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଦୃଷ୍ଟିରୁ ସେମାନେ ବିଶ୍ୱବିଦ୍ୟାଳୟ ଓ ସାରା ରାଜ୍ୟରେ ଉଦାହରଣ ପାଲଟିଛନ୍ତି ବୋଲି ଆନନ୍ଦ ବ୍ୟକ୍ତ କରିଛନ୍ତି ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ। ଆନ୍ତର୍ଜାତିକ ମହିଳା ଦିବସ ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀମତି ଦାସ ସୋଆର ମହିଳା କର୍ମଚାରୀମାନଙ୍କୁ କୃତଜ୍ଞତା ଓ ଅଭିନନ୍ଦନ ଜଣାଇଛନ୍ତି।




ଏହି ଅବସରରେ ଶ୍ରୀମତି ଦାସ କହିଥିଲେ ଯେ ଯେଉଁ ସ୍ଥାନରେ ନାରୀମାନଙ୍କୁ ସମ୍ମାନ ଦିଆଯାଏ ସେଠାରେ ହିଁ ଦେବତା ବାସ କରନ୍ତି। ଦ୍ରୌପଦୀ, ଅନୁସୂୟା, ସୀତା, ସାବିତ୍ରୀ, କୁନ୍ତଳା କୁମାରୀ ଓ ଲକ୍ଷ୍ମୀବାଈଙ୍କ ଭଳି ମହିଳାଙ୍କ ଉଦାହରଣ ଦେଇ ଶ୍ରୀମତି ଦାସ କହିଥିଲେ ଯେ ନାରୀ ହିଁ ସ୍ୱର୍ଣ୍ଣିମ ଇତିହାସର ପୃଷ୍ଠଭୂମି। ବର୍ତମାନ ନାରୀ ସମାଜ ସହ ତାଳ ଦେଇ ଦେଶ ଓ ଜାତିର ନେତୃତ୍ୱ ନେଉଛି। ଏହି ନାରୀମାନଙ୍କୁ ସେ ଅଭିନନ୍ଦନ ଓ ସଶ୍ରଦ୍ଧ ସମ୍ମାନ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେବା ଅବସରରେ ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମୃଣାଳ ଦାସ ଉପସ୍ଥିତ ମହିଳା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବର୍ତ୍ତମାନ ସବୁ କ୍ଷେତ୍ରରେ ନାରୀମାନେ ଆଗରେ ଅଛନ୍ତି ବୋଲି କହିଥିଲେ। ସବୁ ସଫଳ ପୁରୁଷଙ୍କ ପଛରେ ନାରୀର ହାତ ରହିଥାଏ ବୋଲି ସେ କହିଥିଲେ।

ସେହିପରି ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର କହିଥିଲେ ଯେ ଗୋଟିଏ ପରିବାରକୁ ନାରୀ ହିଁ ଯୋଡି ରଖିଥାଏ। ନାରୀମାନଙ୍କର ଯେଉଁ କ୍ଷେତ୍ରରେ ଆଗ୍ରହ ଅଛି ସେ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଚିତ୍ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଆଇଟିଇଆର୍ କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର, ପ୍ରଫେସର ମୀରା ଦାସ, ପ୍ରଫେସର ଅନୀତା ପଣ୍ଡା, ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମା ଓ ସୋଆ କମ୍ୟୁନିଟି ରେଡିଓର ଇନ୍‌ଚାର୍ଜ ଶ୍ରୀମତି ହନୀ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମରେ ସୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍)ର ଡିନ୍ ପ୍ରଫେସର ନୀତା ମହାନ୍ତି, ବିଭିନ୍ନ ଅନୁଷ୍ଠାନର ପ୍ରଫେସର, ଫ୍ୟାକଲ୍ଟି, ବିଭିନ୍ନ ବିଭାଗର ମହିଳା ମୁଖ୍ୟଙ୍କ ସମେତ ଅନ୍ୟାନ୍ୟ ମହିଳା କାର୍ଯ୍ୟକର୍ତ୍ତା, ନ୍ୟୁଜ୍ ୭ ଏବଂ ପ୍ରମେୟର ମହିଳା ସାମ୍ବାଦିକାମାନେ ମଧ ଯୋଗ ଦେଇଥିଲେ।

ସୂଚନା ଯୋଗ୍ୟ ଯେ ସୋଆର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୫୫ ପ୍ରତିଶତ ଛାତ୍ରୀ ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷକ ଶିକ୍ଷୟତ୍ରୀ ତଥା କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ମହିଳା।

ମହିଳା ଦିବସ ଅବସରରେ କେକ୍ କାଟି ମହିଳା କର୍ମଚାରୀମାନେ ଉପସଭାପତି ଶ୍ରୀମତି ଦାସଙ୍କ ଉପସ୍ଥିତିରେ ଉତ୍ସବ ପାଳନ କରିଥିଲେ।

# ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ



**ଧାମନଗର, ନ୍ୟୁଜ ବ୍ୟୁରୋ**

ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ୨୦୧୭ ମସିହା ନଭେମ୍ବର ୧୪ ତାରିଖ ଶିଶୁ ଦିବସ ଅବସରରେ 'ମୋ' ସ୍କୁଲ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହିଯୋଜନାରେ ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଦିଆଯାଇଥିବା ଦାନର ଦୁଇଗୁଣ ସରକାରଙ୍କ ଗଠିତ ୧୦୦ କୋଟିର କର୍ପସ ପାଣ୍ଠିରୁ ଦିଆଯାଇ ବିଦ୍ୟାଳୟରେ ଆବଶ୍ୟକୀୟ ନୂତନ ପ୍ରକଳ୍ପର ନିର୍ମାଣ ହୁଏ । ରାଜ୍ୟ ସରକାରଙ୍କ ଏହି ଯୋଜନା ପିଲା ମାନଙ୍କୁ ସନ୍ତୁଷ୍ଟ, ସୁସ୍ଥ ଓ ପରିପୂର୍ଣ ଭାବେ ଗଢ଼ି ତୋଳିବା ପାଇଁ ବହୁଳ ଜନାଦୃତ ଓ ସଫଳ ଯୋଜନା ଅଟେ। ଏଥି ପାଇଁ ରାଜ୍ୟରେ 'ମୋ ସ୍କୁଲ ଅଭିଯାନ କମିଟି ବସିବା ସହ କିଛି ସଦସ୍ୟଙ୍କୁ ସେମାନଙ୍କ ଅତୁଟ ସହଯୋଗ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ନିର୍ଦେଶ ଅନୁସାରେ ଧାମନଗର ସରକାରି ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନରେ ପୂରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଦୋବଲ ସ୍ଥିତ ଏସ ଏ ଜେ ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଜାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁତି ଭୁଷଣ ମିଶ୍ରଙ୍କ ସଭାପତିତ୍ୱରେ ସରପଞ୍ଚ ଅଶୋକ ପଣ୍ଡା, ପୂରାତନ ଛାତ୍ର, ଭୋଳାନାଥ ସାହୁ, ରଞ୍ଜିତ ମହାନ୍ତି, ସଂଜିତ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ଜ୍ଞାନେନ୍ଦ୍ର ଦାସ, ଜୟଦେବ ରଥ, ସୁଧାଂଶୁ ବାରିକ, ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଦିଗରେ ସହଜୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ପରେ ପୂରାତନ ଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ପରିଚାଳନା କମିଟିର ସଭାପତି ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଘୁ ଖଣିଜ ପରିବହନ ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ବିଭିନ୍ନ ଦାବି ନେଇ ଟ୍ରକ ମାଲିକ ସଂଘ ପକ୍ଷରୁ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ପରିବହନ ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ। ସୂଚନା ଅନୁଯାୟୀ ଗୋଡ଼ି, ମାଟି, ପଥର, ମୋରମ, ଇଟା, ପାଉଁଶ ସହିତ ନଦୀ ବାଲି ପରିବହନର ସମସ୍ୟା ସମାଧାନ ଦାବିରେ ଗାଡ଼ି ଚଳାଚଳ ବନ୍ଦ କରିବା। ବାଲି ପରିବହନ ପାଇଁ ଆବଶ୍ୟକ ଇ-ଟ୍ରାନଜିଟ ପାସ୍ ନମିଳିବା, ବାଲିଘାଟରେ ଗାଡ଼ି ପରିବହନ କ୍ଷମତା ଠାରୁ ଅଧିକ ଓଜନର ଲୋଡ ଦେବା, ବାଲିଘାଟରେ ବାଲିର ମନଇଛା ମୂଲ୍ୟ ବୃଦ୍ଧି କରି ନେବା, ଇ-ଟ୍ରାନଜିଟ ପାସର ମନଇଛା ସମୟ ଦେବା, ଇ-ଟ୍ରାନଜିଟ ପାସ୍ ଠିକ୍ କି ଭୂଲ ସମସ୍ତଙ୍କୁ ଜଣାଇବା ଇତ୍ୟାଦି ଦାବି ନେଇ ବାରଙ୍ଗ ଟ୍ରକ ମାଲିକ ସଂଘ, ଖୋର୍ଦ୍ଧା ଟ୍ରକ ମାଲିକ ସଂଘ, ପ୍ରତାପନଗରୀ ଟ୍ରକ ମାଲିକ ସଂଘର ନିଷ୍ପତି କ୍ରମେ ମାର୍ଚ୍ଚ ୩ ତାରିଖରୁ ପରିବହନ ବନ୍ଦ ରହିଥିଲା। ପ୍ରଶାସନ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରି ୭ତାରିଖ ଦିନ ସମସ୍ତ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକରେ ଏହାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ଏହି ନିଷ୍ପତି କ୍ରମେ ଟ୍ରକ ମାଲିକ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି।

# ସୁରକ୍ଷା ଅଭାବରୁ ଲୁପ୍ତ ହୋଇଯାଉଛି ଔଷଧୀୟ ବୃକ୍ଷ ରାଜି



**କେନ୍ଦୁଝର, ନ୍ୟୁଜ**

ବଣ ପାହାଡ଼ ଘେରା କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ ସମ୍ପଦର ଆବଶ୍ୟକିୟ ସୁରକ୍ଷା କରା ଯାଉନଥିବାରୁ ଜଙ୍ଗଲରେ ଥିବା ବହୁ ଔଷଧୀୟ ବୃକ୍ଷ ସବୁ ବିଲୁପ୍ତ ହେବାରେ ଲାଗିଛ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ,ବଣ ପାହାଡ଼ ଘେରା କେନ୍ଦୁଝର ଜିଲ୍ଲା ସ୍ଥିତ ବିଭିନ୍ନ ଜଙ୍ଗଲରେ ରାଜାରାଜୁଡା ସମ-ୟରେ ଭଳି ଭଳି ବହୁ ଔଷଧୀୟ ବୃକ୍ଷ ସବୁ ଭରପୁର ଥିଲା, ଏବଂ ସେସମୟରେ ବୈଦ୍ୟମାନେ ଜଙ୍ଗଲରୁ ଔଷଧୀୟ ବୃକ୍ଷ, ଚେର, ଛାଲି, ସବୁ ସଂଗ୍ରହ କରି ବିଭିନ୍ନ ରୋଗଉପଶମର ପଥି ପ୍ରସ୍ତୁତ କରି ରୋଗସବୁ ଉପଶମ କରୁଥିଲେ। ହେଲେ ଶିଳ୍ପ ଅଭିବୃଦ୍ଧି ଓ ଉର୍ନ୍ନୟନର ବିକାଶ ନାମରେ ଖଣି ଖନନ ଓ ବେଧଡ଼କ ଗଛ କଟା ସାଙ୍ଗକୁ ଦୈନିକ ହଜାର ହଜାର ଗରିବ ଲୋକ ଜୀବନ ଜୀବିକା ଲାଗି ଦୈନିକ ଜାଳେଣି କାଠ, ଦାନ୍ତ କାଠି, ଶାଳପତ୍ର ଖଲି, ଓ ଚୋରା ବେପାରୀଙ୍କ ଦ୍ୱାରା ଗଛ କଟା ଯୋଗୁଁ ଜଙ୍ଗଲରେ ଭରପୁର ଥିବା ଔଷଧିୟ ଗଛ ସବୁ ହ୍ରାସ ପାଇ ଲୁପ୍ତ ହେବାକୁ ବସିଛି। ସେହିଭଳି ହରିଡା, ବାହାଡା, ମହୁ, ଝୁଣା, ଅଁଳା, ଲାଖ ଆଦି ବହୁ ଜଙ୍ଗଲ ଜାତ ଔଷଧୀୟ ସାମଗ୍ରୀ ସବୁ ଧୀରେ ଲୁପ୍ତ ହେବାରେ ଲାଗିଛି। ଜିଲ୍ଲା ସ୍ଥିତ ରେବଣା, ଅଟେଇ, କଳାପାଟ, ଭୁୟିଆଁ ଜୁଆଙ୍ଗ ପିଢ଼ି, ବାରବାଙ୍କ, ବୈତରଣୀ, ଧନୁର୍ଜ୍ଜୟ ପୁର ଆଦି ସରଂକ୍ଷିତ ଜଙ୍ଗଲରେ ପ୍ରଚୁର ଭଳି ଭଳି ଔଷଧୀୟ ବୃକ୍ଷ ସବୁ ରହିଥିଲା। ହେଲେ ଆଧୁନିକତାର ବିକାଶ ସାଙ୍ଗକୁ ଆବଶ୍ୟକିୟ ସୁରକ୍ଷା ଆବାବରୁ ଏସବୁ ସରଂକ୍ଷିତ ଜଙ୍ଗଲରୁ ମଧ ଔଷଧୀୟ ଲତା ଗୁଳ୍ମ, ବୃକ୍ଷ ସବୁ ଲୁପ୍ତ ହେଇବାରେ ଲାଗିଛି। ଯାହାକି ଜଙ୍ଗଲ ସୁରକ୍ଷା ନିତ୍ୟାନ୍ତ ଜରୁରୀ ହୋଇପଡିଛି।

# ରୂଢ଼ିବାଦ ପରଂପରା ବନାମ ବୈଜ୍ଞାନିକ ମନୋଭାବ ଓ ମାନବବାଦର ବିକାଶ

**କଟକ, ନ୍ୟୁଜ ବ୍ୟୁରୋ**

ସ୍ୱ ପରିପର୍ତ୍ତନ୍‌ରେ ବିଶ୍ୱ ପରିବର୍ତ୍ତନ ସମ୍ଭବ। ସମୟ ଗତିଶୀଳ । ମଣିଷ ସମାଜ, ପୃଥିବୀ ବଦଳୁଛି । ସତୀ ପ୍ରଥା ଉଚ୍ଛେଦ ହେଲା । ବିଜ୍ଞାନର କ୍ରମ ବିକାଶ ସହ ତାଳ ଦେଇ ଲୋକମାନଙ୍କ ଚିନ୍ତାଧାରା କ୍ରମେ ବଦଳିବ। ଏଥି ପାଇଁ ଆମକୁ ଧର୍ଯ୍ୟ ସହକାରେ ବାସ କରିବାକୁ ହେବ ବୋଲି ବିଶିଷ୍ଟ ପ୍ରଶାସକ ବିବେକ ପଟ୍ଟନାୟକ ମତ ଦେଇଛନ୍ତି । ଥିଙ୍କର୍ସ କ୍ଲବ୍‌ର ୯୯ ତମ ଆଭାଶୀ ଆଲୋଚନାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ ଜ୍ଞାନର ଆଧାରରେ ନିଜକୁ ପରିବର୍ତ୍ତନ କଲେ ବିଶ୍ୱ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶ୍ରୀ ଗଙ୍ଗାଧର ସାହୁ ରୂଢ଼ି ବାଦି ଚିନ୍ତା ଧାରା ଗୁଡ଼ିକ ବଦଳାଇବା ଉପରେ ଗୁରୁତ୍ୱ ଦେଇ ବୈଜ୍ଞାନିକ ମନୋଭାବକୁ ଆପଣେଇବାକୁ ପରାମର୍ଶ ଦେଇଥିଲେ । ବରଦା ଦାସ, ସ୍ୱଦେଶ ପଟ୍ଟନାୟକ, ଡ ନନ୍ଦ ନନ୍ଦନ ଦାସ, ଡ ରଜତ ଶତପଥୀ, ଡ ଜୟକୃଷ୍ଣ ପାଣିଗ୍ରାହୀ, ବାଲ୍ମୀକି ନାୟକ, ପାଣ୍ଡବ ବେହେରା, ନିମାଇଁ ସ୍ୱାଇଁ, ସୁବାସ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୧।୩।୨୦୨୪, ଫାଲଗୁନ ଦି୨୮ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬/୦୪/୫୧** **ଚନ୍ଦ୍ରୋଦୟ- ରାଘ୧।୩୭।୦୬**

**ପ୍ରତିପଦ**- ଦିଘ ୧୦/୪୬ ପର୍ଯ୍ୟନ୍ତ। **ଉତ୍ତର ଭାଦ୍ର ପଦ ନକ୍ଷତ୍ର**- ରାଘ ୧୧/୦୩ ପର୍ଯ୍ୟନ୍ତ, **ମୀନଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-**ବୃଷ, ମିଥୁନ, କର୍କଟ, କନ୍ୟା ତୁଳା, ବିଛା, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ଧନୁରାଶିର, **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଏବଂ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ପାର୍ବଣଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣିକଥାରୁ ଦିଘ ୧୦/୪୬ ଗତେ ବୋଇତି କଖାରୁ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬/୦୨ ଗତେ ଘ ୭/୩୦ମଧ୍ୟେ, ଦିଘ ୧୦/୪୬ ଗତେ ଘ ୧ / ୦୭ ମଧ୍ୟେ।

ପର୍ବୋତ୍ସବ-ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ।

**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।

**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।

**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।

**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।

**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ।

**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।

**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।

**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।

**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।

**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।

**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।

**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

# ବିଜୁ ଜନତା ଦଳର ମହିଳା ସମାବେଶ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ତରଫରୁ ବିଜୁ ଜନତା ଦଳର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆୟୋଜିତ ଏହି ମହିଳା ସମାବେଶ ରେ ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟିକା ଡ଼ଃ ସିପ୍ରା ମଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଳୀ ସେଠୀ, ପୌର ଅଧ୍ୟକ୍ଷା ସରିତା ସାହୁ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, କବୟିତ୍ରୀ ତଥା ପ୍ରାଧାପକ ଡ଼ଃ ଅପର୍ଣ୍ଣା ମହାନ୍ତି, ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ପୂର୍ବତନ ପୌର ଅଧ୍ୟକ୍ଷା ରୋସନା ସାହୁ, ନଗର ସଭାପତି ସ୍ୱୟଂପ୍ରଭା କର ପ୍ରମୁଖ ଯୋଗ ଦେଇଥିଲେ । ବିଜେଡି ଜିଲ୍ଲା ଉପ ସଭାପତି ସୁମିତ୍ରା ପାତ୍ରୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରରେ ବିଜେଡି ସରକାରଙ୍କ ସମୟରେ ଗାଁକୁ କାମ, ମାକୁ ସମ୍ମାନ ଥିଲା । ବିଜୁବାବୁଙ୍କ ଆହ୍ୱାନକୁ ପୁରଣ କରାଯାଇଛି । ବିଜେଡି ସରକାର ରେ ମହିଳାଙ୍କୁ ସର୍ବାଧିକ ପ୍ରାଧାନ ଦିଆଯାଇ ସେମାନଙ୍କ ଉନ୍ନତି ପାଇଁ ସଦା ସର୍ବଦା ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି ହିଳା ସମାବେଶ ରେ ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ ।




ଆମ ଓଡ଼ିଶା
ନବୀନ ଓଡ଼ିଶା
DSPL-824
ଆଶା କର୍ମୀଙ୍କ ଦରମା ବୃଦ୍ଧି
ଉପକୃତ ହେବେ ୪୯,୫୨୨ ଜଣ ଆଶା କର୍ମୀ
➤ ମାସିକ ପାରିଶ୍ରମିକ ୭,000 ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି
➤ ସେବାନିବୃତ୍ତି ପ୍ରୋତ୍ସାହନ ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି
➤ ରାଜ୍ୟ ସରକାର ବର୍ଷକୁ ଖର୍ଚ୍ଚ କରିବେ ୨୦୮ କୋଟି ଟଙ୍କା
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0744/2324


ଆମ ଓଡ଼ିଶା
ନବୀନ ଓଡ଼ିଶା
DSPL-825
ପ୍ରଗତିର ଭିତ୍ତିଭୂମି ଓଡ଼ିଶାର 'ଲକ୍ଷ୍ମୀ'
ମାତ୍ର ୫ ଟଙ୍କାରେ ସୁଗମ ଯାତାୟାତ ବ୍ୟବସ୍ଥା
GATISHILA ODISHA
ଯୋଡ଼ି ହୋଇଛି ଗାଁ'ରୁ ସହର
• ସୁଲଭ ମୂଲ୍ୟରେ ସହଜ ଯାତ୍ରା
• ୬,୦୩୧ଟି ପଞ୍ଚାୟତରେ ଗଡୁଛି ୧,୭୪୫ 'ଲକ୍ଷ୍ମୀ' ବସ୍
• ଉପକୃତ ହେଉଛନ୍ତି ୩.୬୪ କୋଟି ଲୋକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0746/2324





ଭୁବନେଶ୍ୱର :ନବୀନ ନିବାସ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁବାଇ ଗସ୍ତରେ ଯାଉଥିବା ମିଶନ ଶକ୍ତି ପ୍ରତିନୀଧିମାନଙ୍କ ସହ ଆଲୋଚନା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଏସସିବିରେ ୫-ଟି ଅଧ୍ୟକ୍ଷଙ୍କ ସମୀକ୍ଷା ଓ ଶୈଳବାଳାରେ ଛାତ୍ରବୃତ୍ତି ପ୍ରଦାନ

**କଟକ, ୧୦/୦୩ ନ୍ୟୁଜ ବ୍ୟୁରୋ**

କଟକ ବଡ଼ ମେଡିକାଲ ଯାଇ ସମୀକ୍ଷା କରିଛନ୍ତି ୫-ଟି ଅଧ୍ୟକ୍ଷ। ଏସସିବି ମେଡିକାଲର ନୂଆ ବିଲ୍ଡିଂର ସମୀକ୍ଷା କରିଛନ୍ତି କାର୍ତ୍ତିକ ପାଣ୍ଡିଆନ୍। ତାଙ୍କ ସାଙ୍ଗରେ ଭିନୀଲ କୃଷ୍ଣା, କଟକ ଜିଲ୍ଲାପାଳ, ସିଡିଏ ଅଧ୍ୟକ୍ଷଙ୍କ ସମେତ ଓବିସିସି ଟିମ୍ ଓ ଏଲ ଆଣ୍ଡ ଟି ଅଧିକାରୀ ସାମିଲ ହୋଇଥିଲେ। କିପରି କାମ ଶୀଘ୍ର ଶେଷ ହେବ ସେନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ୫-ଟି ଅଧ୍ୟକ୍ଷ। କଟକରେ ନୂଆ-ଓ କାର୍ଯ୍ୟକ୍ରମ ଅବସରରେ ଏସସିବି ମେଡିକାଲ ଯାଇ ଚାଲିଥିବା କାର୍ଯ୍ୟର ତଦାରଖ କରିଥିଲେ ୫-ଟି ଅଧ୍ୟକ୍ଷ। ସେହିପରି କଟକର ଶୈଳବାଳା ମହିଳା ମହାବିଦ୍ୟାଳୟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଅଧ୍ୟକ୍ଷ ଛାତ୍ରୀମାନଙ୍କୁ ସ୍ମାର୍ଟ କାର୍ଡର ସଫଳ ବ୍ୟବହାର ସଂପର୍କରେ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ବୃତ୍ତିର ସଫଳ ବିନିଯୋଗ କରି ନିଜର କ୍ୟାରିୟର ଗଢ଼ିବାକୁ ପରାମର୍ଶ ଦେଇଛନ୍ତି ୫-ଟି ଅଧ୍ୟକ୍ଷ। ବୃତ୍ତି ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶୈଳବାଳା ମହିଳା ମହାବିଦ୍ୟାଳୟର ଛାତ୍ରୀ।



# ଗାଡ଼କଣ ଖେଳ ପଡ଼ିଆରେ ଗ୍ରିନ୍ସ କ୍ରିକେଟ୍ ଆସୋସିଏସନର ଟର୍ଫ ପିଚ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜବ୍ୟୁରୋ**

ଭୁବନେଶ୍ୱର ଅଗ୍ରଣୀ କ୍ରିକେଟ ଅନୁଷ୍ଠାନ ଗ୍ରିନ୍ସ କ୍ରିକେଟ୍ ଆସୋସିଏସନର ନୂତନ ଟର୍ଫ ପିଚ୍ ରବିବାର ଗାଡ଼କଣ ଖେଳପଡ଼ିଆରେ ମୁଖ୍ୟଅତିଥି ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍ଘାଟନ କରିବା ଅବସରରେ ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କ୍ରୀଡ଼ାକୁ ଖୁବ୍ ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ାର ବିକାଶ ପାଇଁ ଅନେକଗୁଡ଼ାଏ ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ଗାଡକଣ ପଡିଆର ବିକାଶ ପାଇଁ ଯାହାକିଛି ଆବଶ୍ୟକ ସେ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅନ୍ୟତମ ଅତିଥି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଡ. ସୌମ୍ୟରଞ୍ଜନ ପରିଡା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆଗାମୀ ଦିନରେ ଅଧିକରୁ ଅଧିକ କିପରି ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଏହି ଗାଡକଣ ପଡିଆରେ ହେବ ସେଥିପ୍ରତି ବିଧାୟକ କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଅନୁରୋଧ କରିଥିଲେ ଏବଂ ଏତେ ସୁନ୍ଦର ଟର୍ଫ ପିଚ୍ ପ୍ରସ୍ତୁତ ପାଇଁ ଗ୍ରିନ୍ସର ମୁଖ୍ୟ କୋଚ୍ ଶକ୍ତି ସାରଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୯ନମ୍ବର ୱାର୍ଡର କର୍ପୋରେଟର ସୁଷମା ସାହୁ, ଗାଡକଣ ଗାଁ କମିଟିର ସଭାପତି କିଶୋର କୁମାର ଜେନା, କୋଚ୍ ଶକ୍ତି ସାର, ଅଶୋକ ସାର, ରାଜେଶ ସାରଙ୍କ ସମେତ କ୍ଲବର ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।




# ୨୫ ଛେଳି ଓ ୪ ଗୋରୁ ଜଳିଗଲେ

**ବାଲେଶ୍ୱର, ନ୍ୟୁଜ**

ଶ୍ରୀରାମପୁର ପଞ୍ଚାୟତ ବଲବୁଧି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ । ଜୀବନ୍ତ ଜଳିଗଲେ ୨୫ ଛେଳି ଓ ୪ ଗୋରୁ । ଗାଁର କୈଳାସ ମଲ୍ଲିକଙ୍କ ଘର ଓ ଗୁହାଳରେ ଏହି ନିଆଁ ଲାଗିଥିଲା । ଗତକାଲି ରାତି ପ୍ରାୟ ୨ଟା ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଗାଁ ଲୋକ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଗୁହାଳ ଘର ସମ୍ପୂର୍ଣ୍ଣ ଜଳିଯିବା ସହ ୨୫ ଛେଳି ଓ ୪ ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଘରକୁ ଲାଗି ଗୁହାଳ ଘର ଥିବାରୁ ଘର ମଧ୍ୟ ପୋଡିଯାଇଛି ।




ଭୁବନେଶ୍ୱର :ଜୟଦେବ ଭବନରେ ଗୀତାଞ୍ଜଳି ଅନୁଷ୍ଠାନର ବାର୍ଷିକ ସାଂସ୍କୃତିକ ଉତ୍ସବରେ କଣ୍ଠଶିଳ୍ପୀ ସୋମାଙ୍କ ଦ୍ୱାରା ରବିନ୍ଦ୍ର ସଂଗୀତ ପରିବେଷଣ। (ଫଟୋ : ସମ୍ବାଦ କଳିକା)

# ବଢ଼ିବ ସମବାୟ ସଂସ୍ଥାର ଋଣ ପ୍ରଦାନ କ୍ଷମତା: ବିନିଯୋଗ ହେବ ୯୫୦ କୋଟି

## ଆସନ୍ତା ୫ ବର୍ଷ ଯାଏ କାର୍ଯ୍ୟକାରୀ ହେବ ସରକାରଙ୍କ ନିଜସ୍ୱ ଯୋଜନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କୃଷକମାନଙ୍କର ସଶକ୍ତିକରଣ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରି ଆସୁଛନ୍ତି ରାଜ୍ୟ ସରକାର। ବିଶେଷକରି ରାଜ୍ୟ ସରକାର କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷକମାନଙ୍କର ସ୍ୱଳ୍ପକାଳୀନ ଋଣ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଏକାଧିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହିକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସମବାୟ ଋଣ ସଂସ୍ଥାଗୁଡ଼ିକର ଋଣ ପ୍ରଦାନ କ୍ଷମତା ବୃଦ୍ଧି କରିବା ସହ ସମବାୟ ଋଣ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତିର ଆଧାର ବୃଦ୍ଧି କରିବା ପାଇଁ ୨୦୨୩-୨୪ରୁ ୨୦୨୭-୨୮ ଯାଏଁ ୫ ବର୍ଷ ପର୍ଯ୍ୟନ୍ତ ସରକାର ନିଜସ୍ୱ ଯୋଜନା 'ସମବାୟ ଋଣ ସଂସ୍ଥାଗୁଡ଼ିକୁ ସେୟାର ପୁଞ୍ଜି ବିନିଯୋଗ' କାର୍ଯ୍ୟକାରୀ କରିବେ। ଏଥିପାଇଁ ୯୫୦ କୋଟି ଟଙ୍କାର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଗତକାଲି ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି।




ଏହାଦ୍ୱାରା କୃଷକମାନଙ୍କୁ ଅଧିକରୁ ଅଧିକ ଋଣ ପ୍ରଦାନ କରାଯାଇପାରିବ ବୋଲି ଆଶା କରାଯାଉଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଥିବା ସମସ୍ତ କୃଷି ସମବାୟ ସଂସ୍ଥା ଶୀର୍ଷ ସଂସ୍ଥାମାନଙ୍କଠାରୁ ଅଧିକରୁ ଅଧିକ ଋଣ ଆଣି କୃଷି କାର୍ଯ୍ୟ ପାଇଁ ଋଣ ଦେଇ ପାରିବେ। ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ହେବାରେ ଏହା ନିଶ୍ଚିତ ରୂପେ ସହାୟକ ହେବ ବୋଲି ଆଶା କରାଯାଉଛି। ରାଜ୍ୟରେ ଥିବା ଅନ୍ୟ ସମସ୍ତ ବ୍ୟାଙ୍କଗୁଡ଼ିକ ଜମା ସଂଗ୍ରହରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ବେଳେ କୃଷି କ୍ଷେତ୍ରରେ ଋଣ ଲଗାଇବା ପାଇଁ ପଛଘୁଞ୍ଚା ଦେଇଥା'ନ୍ତି। କାରଣ କୃଷି ଋଣ ଆଦାୟ ଅନେକ ଅନିଶ୍ଚିତତା ଉପରେ ନିର୍ଭରଶୀଳ ଏବଂ ଏହାର ଏନ୍‌ପିଏ ହେବାର ଆଶଙ୍କା ଅଧିକ ରହିଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜସ୍ୱ ସମବାୟ ଅନୁଷ୍ଠାନ ଏବଂ ସମବାୟ ବ୍ୟାଙ୍କକୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ସର୍ବଦା ଚେଷ୍ଟିତ ଅଛନ୍ତି। ଉକ୍ତ ଯୋଜନା ଦ୍ୱାରା ସମବାୟ ଅନୁଷ୍ଠାନମାନେ ଅଧିକ କୃଷି ଋଣ ଲଗାଣ ପାଇଁ ସକ୍ଷମ ହୋଇପାରିବେ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନାବାର୍ଡ ଦ୍ୱାରା ଜାତୀୟ ଗ୍ରାମୀଣ ଋଣ-ଦୀର୍ଘକାଳୀନ ପରିଚାଳନା ପାଣ୍ଠି ଯୋଜନା ଅଧୀନରେ ସେୟାର ପୁଞ୍ଜି ନିବେଶ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଓସିଏସ୍ ଅଧିନିୟମ ୧୯୬୨ ଧାରା ୪୧(୧) ଅନୁଯାୟୀ ରାଜ୍ୟ ସରକାର ସୋସାଇଟିର ପେଡ୍ ଅପ୍ ସେୟାର କ୍ୟାପିଟାଲର ସର୍ବାଧିକ ୨୫ ପ୍ରତିଶତ ନିବେଶ କରିପାରିବେ। କିଷାନ କ୍ରେଡିଟ କାର୍ଡ ଯୋଜନା ଅଧୀନରେ ରାଜ୍ୟର ସମସ୍ତ କୃଷକ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରୀ ନୀତିକୁ ଦୃଷ୍ଟିରେ ରଖି ପାକ୍ସ, ଲାମ୍ପସ୍ ଏବଂ ଡିସିବିସିର ଆର୍ଥିକ ସ୍ଥିତିକୁ ମଜଭୁତ କରି ଅନ୍ୟାନ୍ୟ ଶୀର୍ଷ ଆର୍ଥିକ ସଂସ୍ଥାମାନଙ୍କଠାରୁ ପର୍ଯ୍ୟାପ୍ତ ଋଣ ଉଠାଇ କୃଷକମାନଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କୃଷକମାନଙ୍କର ଋଣ ଆବଶ୍ୟକତା ମେଣ୍ଟାଯାଇପାରିବ ବୋଲି ଆଶା କରାଯାଉଛି।

# କଳିଙ୍ଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଝିଅ ବଞ୍ଚାନ୍ତୁ, ଝିଅ ପଢ଼ାନ୍ତୁ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରବିବାର ୧୦.୩.୨୪ ସକଳେ ୧୦.୩୦ ଘଟିକା ରେ ଉତ୍କଳ ରଙ୍ଗମଞ୍ଚ ଜୟଦେବ ବିହାର ଭୁବନେଶ୍ୱର ଠାରେ ଆମର ଝିଅ ବଞ୍ଚାନ୍ତୁ.. ଝିଅ ପଢ଼ାନ୍ତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସଭାପତି ଶ୍ରୀ ନାରାୟଣ ମହାପାତ୍ର ସମ୍ପାଦକ ମନୋଜ ରାଉଳ ଉପଦେଷ୍ଟା ଦିଲ୍ଲୀପ ପଟ୍ଟନାୟକ ବିପିନ ବିହାରୀ ସାହୁ ରଞ୍ଜନ ସାମଲ, ଅଭିନନ୍ଦନ ଦାସ ଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ କୁ ଉଦଘାଟକ ଭାବେ ଡା ଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଶ୍ରୀ ଅମିୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଡା ଯଶୋବନ୍ତ ମହାପାତ୍ର ଶ୍ରୀମତୀ ଶାସ୍ୱତୀ ମିଶ୍ର, ମୁଖ୍ୟ ବକ୍ତା ଭାବେ ପ୍ରଫେସର ବିଷ୍ଣୁ ପ୍ରିୟା ଓତା ଆଲୋକ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ, ପ୍ରଥମେ ଭଜନ କାର୍ଯ୍ୟକ୍ରମ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇ ଥିଲା,ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଙ୍କ ୧୩୬ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା, ଅସୁସ୍ଥତା ଯୋଗୁ କଳିଙ୍ଗ ରତ୍ନ ସମ୍ମାନ ରେ ସମ୍ମାନିତ ହେବାକୁ ଥିବା ଡାଃ ଶଙ୍କର ରାମଚନ୍ଦାନି ଆସି ପାରି ନ ଥିବାରୁ ଡାଃ ଶ୍ରୀମତୀ ମେହର କଳିଙ୍ଗ ରତ୍ନ ସମ୍ମାନ ଗ୍ରହଣ କରିଥିଲେ, ସମସ୍ତେ ଡାଃ ରାମଚନ୍ଦାନି ଙ୍କ ସେବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ, ଡାଃ ଚନ୍ଦନ ପଣ୍ଡା ସେବା ଗୌରବ ସମ୍ମାନରେ ସମ୍ମାନୀତ ହୋଇ ଥିଲେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ମହିଳା ଉଦ୍ୟୋଗି ମାନଙ୍କୁ ସେବା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା, ଭଜନ କଳାକାର ଦୁଇ ଜଣ କୁ ସମ୍ମାନିତ କରାଯାଇଥିଲା ଏହି ସମ୍ମାନଜନକ କଳିଙ୍ଗ ରତ୍ନ ଓ 'ସେବା ଗୌରବ ସମ୍ମାନ' ଗ୍ରହଣ କରୁଥିବା ବ୍ୟକ୍ତି ଓ ମହିଳା ଙ୍କୁ ଉତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଥିବା ରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଥିଲା ଅନାମିକା ସ୍ୱାଇଁ ପଟନାୟକ କେ ଲକ୍ଷ୍ମୀନାରାୟଣ, ଭାରତି ଭୂଷଣ ପଟନାୟକ ପ୍ରମୁଖ ଭଜନ ପରିବେଷଣ କରିଥିଲେ , ଭୁବନେଶ୍ୱର ଲେଡିଜ ଫୋରମ ସମ୍ମାନିୟ ମହିଳା ସଦସ୍ୟା ମାନେ ଅତି ସୁନ୍ଦର ଭାବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବ୍ଲକ ଗ୍ରାଣ୍ଟଅନୁଦାନ...

କର୍ମଚାରୀଙ୍କ ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ମଧ୍ୟ ନେଇଛନ୍ତି । ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ବ୍ଲକ ଗ୍ରାଣ୍ଟ କର୍ମଚାରୀ ଓ ସେମାନଙ୍କ ସଂଘ ପକ୍ଷରୁ ଏ ବିଷୟରେ ପ୍ରସ୍ତାବ ଆସିଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଏହି ପ୍ରସ୍ତାବ ବିଷୟରେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ପ୍ରାୟ ୧୭,୫୦୦ କର୍ମଚାରୀ ଉପକୃତ ହେବେ।

## ଲିଟର ପିଛା...

ହେଲେ ୨୨ ମାସ ଧରି କମିନି ପେଟ୍ରୋଲ ଓ ଡିଜେଲ ଖୁଚୁରା ଦର । ଏବେ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବାକୁ ଆଉ ମାତ୍ର କିଛି ଦିନ ବାକି । ତା ପୂର୍ବରୁ ଲିଟର ପିଛା କେନ୍ଦ୍ର ସରକାର ଓ ତୈଳ ବିପଣନ କମ୍ପାନୀ ୫ରୁ ୭ ଟଙ୍କା ହ୍ରାସ କରିପାରନ୍ତି । ପେଟ୍ରୋଲ ଓ ଡିଜେଲ ଦର ମହଙ୍ଗା ଯୋଗୁ ମୁଦ୍ରାସ୍ଫୀତି ଓ ଖାଦ୍ୟ ସାମଗ୍ରୀ ଦର ଚଢ଼ା ରହୁଛି। ଦର କମିବା ନେଇ ପେଟ୍ରୋଲିୟମ ଓ ଡିଲର୍ସ ଆସୋସିଏସନ ଆଶା ରଖିଛି । ଗତବର୍ଷ ଏପ୍ରିଲରୁ ଚଳିତବର୍ଷ ଫେବୃୟାରୀ ଭିତରେ ଅଶୋଧିତ ତୈଳ ଦର କମ ଥିଲା। ସେ ସମୟରେ ତୈଳ ବିପଣନ କମ୍ପାନୀଗୁଡ଼ିକ ଲକ୍ଷାଧିକ କୋଟି ଲାଭ କଲେ । ଅଥଚ ଖୁଚୁରା ଦର କମାଇନାହାନ୍ତି । ଡାଇନାମିକ ପ୍ରାଇସ ମେକାନିଜିମ୍‌କୁ ଅଚଳ କରିଦିଆଯାଇଛି । ଏବେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୮୩ ଡଲାର ରହିଛି । ଏବେ ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ଲୋକଙ୍କୁ ମହଙ୍ଗା ମାଡ଼ରୁ ଆଶ୍ୱସ୍ତି ଦେବା ପାଇଁ ଦର କମ କରିବାର ସ୍ଥିତି ଅନୁକୂଳ ରହିଛି। ଉତ୍ପାଦ ଶୁଳ୍କ ନ କମାଇ ପେଟ୍ରୋଲ ଓ ଡିଜେଲ ବେସ ମୂଲ୍ୟରେ ତୈଳ ବିପଣନ କମ୍ପାନୀ ଦର ହ୍ରାସ କରିବେ ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ବଜାରରେ ପେଟ୍ରୋଲ ଲିଟର ୧୦୩ ଟଙ୍କା ୩୭ ପଇସା ଓ ଡିଜେଲ ଲିଟର ପିଛା ୯୪ ଟଙ୍କା ୮୬ ପଇସା ରହିଛି। ତୈଳ ଦର ଉଚ୍ଚା ଯୋଗୁ ଦେଶରେ ମୁଦ୍ରାସ୍ଫୀତି କମୁନି। ଏବେ କେବଳ ମହଙ୍ଗା ବଜାରରୁ ଲୋକଙ୍କୁ ଆଶ୍ୱସ୍ତ କରିବା ପାଇଁ ଦର ହ୍ରାସ ହେବାର ସମ୍ଭାବନା ରହିଛି । ନିର୍ବାଚନ ବର୍ଷ ଥିବାରୁ କେନ୍ଦ୍ର ସରକାର ଏହି ଜନପ୍ରିୟ ପଦକ୍ଷେପ ନେବାକୁ ମଧ୍ୟ ଭୁଲିବେନି । ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକରେ ୩ଟି ଯାକ ତୈଳ ବିପଣନ କମ୍ପାନୀଙ୍କ ଲାଭ ୭୮ ହଜାର କୋଟିରେ ପହଞ୍ଚିଛି। ଅଥଚ ଏହି ଲାଭ ଲୋକଙ୍କ ପାଖରେ ପହଞ୍ଚିନି । ଦୀର୍ଘ ଦିନରୁ ଅପେକ୍ଷା ରହିଛି ପେଟ୍ରୋଲ ଓ ଡିଜେଲ ଦର କମିବା ନେଇ।

## ଉପାନ୍ତରୁ ଉପକୂଳ ...

ଦେଖାଦେବ ବୋଲି ପାଣିପାଗ କେନ୍ଦ୍ର କହିଛି । ଏଥିପାଇଁ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ରେଡ ଏବଂ ଅରେଞ୍ଜ ମାର୍କ ଜାରି କରାଯାଇଛି । ତେବେ ୧୪ ତାରିଖ ବେଳକୁ ରାଜ୍ୟରେ ପୁଣି ବର୍ଷା ହେବା ନେଇ ଆକଳନ କରାଯାଇଛି । ପଶ୍ଚିମା ଝଡ ପ୍ରଭାବରେ ଉତ୍ତର ଅଭ୍ୟନ୍ତରୀଣ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ, ଝାରସୁଗୁଡା, ଯାଜପୁର ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଏହି ବର୍ଷା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ବାକି ଓଡ଼ିଶାରେ ପାଗ ଶୁଖିଲା ରହିବ । ୧୬ ତାରିଖ ପରେ ପୁଣି ଫେରିବ ତାତି ।

## ଏଣିକି ରାତିରେ...

ଅନ୍ୟ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ଭଳି ଏଠାରେ ମଧ୍ୟ ଏକ ନୂଆ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାର ନାଁ ନାଇଟ ଆଉଟ ଆଟ ଜୁ ରଖାଯାଇଛି। ଏହା ସଂପୂର୍ଣ୍ଣ ଭାବେ ଗୋଟିଏ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ। କେବଳ ରବିବାର ଏହା ଆୟୋଜନ ହେବ। ପ୍ରତି ରବିବାର ସନ୍ଧ୍ୟା ପରେ ୨୦ ଜଣ ଲୋକ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ରାତି ସମୟରେ ଚିଡ଼ିଆଖାନାର ସ୍ୱତନ୍ତ୍ରତା ଯେମିତି କ୍ଷୁଣ୍ଣ ନ ହେବ, ତାକୁ ଦୃଷ୍ଟିରେ ରଖି ଧାର୍ଯ୍ୟ ଦର୍ଶକଙ୍କ ସଂଖ୍ୟା ଠାରୁ ଅଧିକ ଲୋକଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ । ଏଥି ସହିତ ନାଇଟ ଆଉଟ ଆଟ ଜୁ କାର୍ଯ୍ୟକ୍ରମରେ ଫଟୋ କିମ୍ବା ଭିଡିଓ ରେକର୍ଡିଂ ପାଇଁ ମଧ୍ୟ ଅନୁମତି ଦିଆଯିବ ନାହିଁ।

## ରମେଶ ସିଂ...

୧୯୪୭ ରେ ବିଭାଜନ ପରେ ପ୍ରଥମ ଥର ପାଇଁ ପଞ୍ଜାବ ପ୍ରଦେଶର କ୍ୟାବିନେଟରେ ଜଣେ ଶିଖଙ୍କୁ ସାମିଲ କରାଯାଇଛି । କେବଳ ଶିଖ ନୁହନ୍ତି ପାକିସ୍ତାନରେ ରହୁଥିବା ହିନ୍ଦୁ ଓ ଖ୍ରୀଷ୍ଟିଆନଙ୍କ ସମେତ ସମସ୍ତ ସଂଖ୍ୟାଲଘୁଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଁ କାମ କରିବି ବୋଲି ସେ କହିଛନ୍ତି। ନାନକାନା ସାହିବରେ ଜନ୍ମିତ ସର୍ଦ୍ଦାର ରମେଶ ସିଂହ ଆରୋରା ଲାହୋର ସରକାରୀ କଲେଜ ବିଶ୍ୱବିଦ୍ୟାଳୟରୁ ଉଦ୍ୟୋଗ ଏବଂ ଏସଏମଇ ପରିଚାଳନାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ସେ ପାକିସ୍ତାନରେ ବିଶ୍ୱ ବ୍ୟାଙ୍କର ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିଲେ। ୨୦୦୮ ମସିହାରେ ସେ ମୋଜାଜ ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ, ଯାହା ପାକିସ୍ତାନର ଗରିବ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମର୍ପିତ ଥିଲା।

## ସୁରକ୍ଷାକର୍ମୀ...

ରୁ ୨୫ ଜଣ ମାଓବାଦୀ ଥିବାବେଳେ ଟପ ମାଓ ନେତା ନିଲ ଖସିପଳାଇଥିବା ସୂଚନା ଦେଇଛନ୍ତି ଏସ୍‌ପି। କନ୍ଧମାଳ ଜିଲ୍ଲା କୋଟଗଡ ଥାନା ଅନ୍ତର୍ଗତ ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ବେଳେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ଏଥିରେ ଉଭୟ ପକ୍ଷରୁ କେହି ମୃତାହତ ହୋଇନାହାନ୍ତି । ପରେ ସର୍ଚ୍ଚ ଅପରେସନ ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି । ଏହି କ୍ୟାମ୍ପରୁ ବିଜିଏନର ଡିସିଏସ ନିଲ ଖସି ଯାଇଥିବା କନ୍ଧମାଳ ଏସପି ଶୁଭେନ୍ଦୁ ପାତ୍ର ପ୍ରକାଶ କରିଛନ୍ତି । କ୍ୟାମ୍ପରୁ ଅତ୍ୟାଧୁନିକ ହାତ ତିଆରି ୭ଟି ଗ୍ରେନେଡ଼ ସହ ବ୍ଲାଷ୍ଟିଂ ମେସିନ, ଜିଲୋଟିନ ସହ ଅନ୍ୟାନ ସାମଗ୍ରୀ ଜବତ ହୋଇଛି । ଠାବ ହୋଇଥିବା ମାଓବାଦୀ କ୍ୟାମ୍ପକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦିଆଯାଇଛି । ସେହି ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିଛି ।

## ବୈଜ୍ଞାନିକଙ୍କ ନିଆରା ...

କୋଟି ବର୍ଷ ପୁରୁଣା ବିଲୁପ୍ତ ଜୀବ ବିଷୟରେ ଜାଣିବା ପାଇଁ ସହଜ ସାବ୍ୟସ୍ତ ହେବ। ଏହି ଜୀବାଶ୍ମ ଗଠନର କାହାଣୀ ମଧ୍ୟ କିଛି ଫିଲ୍ମ ଠାରୁ ନୁହେଁ ପିମ୍ପୁଡିର ଏହି ପ୍ରଜାତି ପ୍ରାୟ ୩୮ ନିୟୁତ ବର୍ଷ ପୂର୍ବେ ପୃଥିବୀରେ ଦେଖାଯାଇଥିଲା । ଆର୍ହୁସ ବିଶ୍ୱବିଦ୍ୟାଳୟର ଆସିଷ୍ଟାନ୍ସ ପ୍ରଫେସର ନାବୁକି ମିଜୋମାଟୋଙ୍କ ନେତୃତ୍ୱରେ ଏକ ଅନ୍ତର୍ଜାତୀୟ ଅନୁସନ୍ଧାନକାରୀ ଦଳ ଏକ ଅଠାରେ ଲାଗିରହିଥିବା ଦୁଇଟି ପିମ୍ପୁଡି ପ୍ରଜାତିର ବିଲୁପ୍ତ କୀଟ ବିଷୟରେ ଅଧ୍ୟୟନ କରିଛନ୍ତି। ଆମ୍ବ ଗଛରୁ ବାହାରୁଥିବା ଏକ ପ୍ରକାର ଅଠା ଯାହାକି ତଳେ ପଡିବା ମାତ୍ରେ ଜମିଯାଏ । ଏହି ଆମ୍ବର ଅଠାରେ ଦୁଇଟି ପିମ୍ପୁଡିଙ୍କର ପରସ୍ପର ସହିତ ଲାଗିରହିଥିବାର ଜୀବାଶ୍ମ ସଂରକ୍ଷିତ ଥିବା ଦେଖାଯାଇଥିଲା । ପରସ୍ପର ସହ ଲାଗିରହିବା ଆଚରଣ ପ୍ରାୟ ସମସ୍ତ କୀଟପତଙ୍ଗ ଠାରେ ଦେଖିବାକୁ ମିଳିଥାଏ । ବୈଜ୍ଞାନିକ ମାନେ କହିଛନ୍ତି ଯେ ଜୀବମାନଙ୍କ ଏପରି ଆଚରଣ ସମ୍ବନ୍ଧୀୟ ସୂଚନା ଏହି କୀଟ ମାନଙ୍କ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅନୁସନ୍ଧାନ କରିବାରେ ସହଜ ହେବ।

# ପିପିଲି ବ୍ଲକ୍ କାର୍ଯ୍ୟାଳୟର ୩ କୋଟି ୭୦ ଲକ୍ଷ ଟଙ୍କା ହଡ଼ପ ମାମଲାରେ ଜଣେ ମହିଳା ଗିରଫ

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ପିପିଲି ବ୍ଲକ୍ କାର୍ଯ୍ୟାଳୟର ୩ କୋଟି ୭୦ ଲକ୍ଷ ଟଙ୍କା ହଡ଼ପ ମାମଲାରେ ମୁଖ୍ୟ ଅଭିଯୁକ୍ତ ସହ ଜଣେ ମହିଳା ଗିରଫ। ଏହି ଦୁଇଜଣଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲୁ ଗିରଫ କରିଛି । ଦୁଇ ଅଭିଯୁକ୍ତ ହେଲେ ପିପିଲି ଦାଣ୍ଡମୁକୁନ୍ଦପୁର ଓଏଇଓ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ସରୋଜକାନ୍ତ ମହାପାତ୍ର ଓ ସହଯୋଗୀ ଆଞ୍ଜେଲ ମିଶ୍ର । ଏହି ମାମଲାରେ ଗତ ଗୁରୁବାର ବ୍ୟାଙ୍କର ଆସେଟସ୍ ଅଫିସର ତନ୍ମୟ ମହାରଣାଙ୍କୁ ଗିରଫ କରାଯାଇଥିଲା। ୨-୧୮ ମସିହାରୁ ଏହି ଠକେଇ ଆରମ୍ଭ ହୋଇଥିଲା। ବ୍ଲକ କାର୍ଯ୍ୟାଳୟର ଫନି ଆକାଉଣ୍ଟରୁ ୩ କୋଟି ୭୦ ଲକ୍ଷ ଟଙ୍କା ହଡ଼ପ କରିଥିଲେ ତିନି ଅଭିଯୁକ୍ତ। ତିନି ଅଭିଯୁକ୍ତ ନିଜ ପରିବାର ସଦସ୍ୟ ଓ ସାଙ୍ଗମାନଙ୍କ ନାଁରେ ବ୍ୟାଙ୍କରୁ ୩୫ଟି ମୁଦ୍ରା ଋଣ ଜରିଆରେ ଟଙ୍କା ହଡ଼ପ କରିଥିଲେ। ସେହି ଟଙ୍କା ଶୁଝିବା ପାଇଁ ଫନି ଆକାଉଣ୍ଟ ଟଙ୍କାକୁ ହଡ଼ପ କରି ବ୍ୟାଙ୍କରେ ଜମା କରିଥିଲେ । ଏନେଇ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଅଭିଯୋଗ କରିଥିଲେ। ଏହି ମାମଲାରେ ୩ ଜଣଙ୍କୁ ଇଓଡବ୍ଲୁ ଗିରଫ କରିଛି।

# ସାବିତ୍ରୀବାଇ ଫୁଲେଙ୍କୁ ସ୍ମରଣ କଲେ ରାଜ୍ୟପାଳ

**ନୂଆଦିଲ୍ଲୀ, ୧୦/୩**

ସାବିତ୍ରୀବାଇ ଫୁଲେଙ୍କୁ ସ୍ମରଣ କରିଛନ୍ତି ରାଜ୍ୟପାଳ ରଘୁବର ଦାସ। ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଭାରତର ପ୍ରଥମ ମହିଳା ଅଧ୍ୟାପକ, ନାରୀ ମୁକ୍ତି ଆନ୍ଦୋଳନର ପ୍ରଣେତା ତଥା ମହାନ ସମାଜସେବିକା ସାବିତ୍ରୀବାଇ ଫୁଲେଙ୍କ ପୁଣ୍ୟତିଥି ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

# ଟିଟିଲାଗଡ଼ ଜେଲ ବାଡ଼ ଡେଇଁ ଦୁଇ କଏଦୀ ଫେରାର

**ଟିଟିଲାଗଡ଼, ନ୍ୟୁଜ ବ୍ୟୁରୋ**

ଜେଲରୁ ଚମ୍ପଟ ମାରିଲେ କଏଦୀ । ଟିଟିଲାଗଡ଼ ଜେଲରୁ ଆସିଛି ଏମିତି ଖବର। ଜେଲରୁ ଦୁଇ ଜଣ କଏଦୀ ଫେରାର ହୋଇଯାଇଛନ୍ତି । ଗତକାଲି ରାତିରେ ଜେଲ ବାଡ଼ ଡେଇଁ କଏଦୀ ଦ୍ୱୟ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ଫେରାର୍ ୨ କଏଦୀ ହେଲେ ସୁମିତ୍ ବିହାରୀ ଓ ଶୋଭାବନ ରଣା । ୨ କଏଦୀ ଗୁରୁତର ଅଭିଯୋଗରେ ଜେଲରେ ସଜା କାଟୁଥିଲେ। ଚମ୍ପଟ କଏଦୀଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଯାଞ୍ଚ ଚଲାଇଛି ।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/139,ତା.06.03.2024ରିଖ

ଟେଣ୍ଡର ସଂ.e-TenderSouthKUR-439-2023,ତା.27.02.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବ୍ରହ୍ମପୁର ଅଧୀନସ୍ଥ ବ୍ରହ୍ମପୁର ରେଳ କଲୋନୀ ଠାରେ ଫ୍ଲୋରିଙ୍ଗ୍, ଝରକା ଏବଂ କବାଟ, ପାଇଖାନା ଲାଇନ୍, ସେପ୍ଟିକ୍ ଟାଙ୍କି, ରୁଫ୍ ଟ୍ରିଟମେଣ୍ଟ, ଏସି ସିଟ୍ ରୁଫିଙ୍ଗ୍ ନିମନ୍ତେ ସିଲିଙ୍ଗ୍, ପାଥୱେ, ଡ୍ରେନ୍ ଇତ୍ୟାଦି ଭଳି କର୍ମଚାରୀ ଆବାସଗୁଡ଼ିକର ପ୍ରସ୍ତାବିତ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 196.57 ଲକ୍ଷ, EMD (ଟଙ୍କାରେ) : 2,48,300/-, ଶେଷ ହେବା ଅବଧି: 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.03.2024 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-1163/O/23-24

# ଆସନ୍ତା ୧୪ରେ ବାଲିଯାତ୍ରା ପଡିଆରେ ବୈଶାଖୀ ବାଣିଜ୍ୟ ମେଳା

**କଟକ, ନ୍ୟୁଜ ବ୍ୟୁରୋ**

ପୁଣି ଦୁଲୁକିବ କଟକ । ଉଠିବ ପଡ଼ିବ ବାଲିଯାତ୍ରା ପଡ଼ିଆ । ଚଳିତ ମାସ ୧୪ ତାରିଖରୁ କଟକ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହେବ ବୈଶାଖୀ ବାଣିଜ୍ୟ ମେଳା । ଏହା ୧୦ ଦିନ ବ୍ୟାପୀ ଉପର ପଡ଼ିଆରେ ଅନୁଷ୍ଠିତ ହେବ । ୨୦ ବର୍ଷରେ ପହଞ୍ଚିଥିବା ଏହି ବାଣିଜ୍ୟ ମେଳାରେ ବିଗତ ବର୍ଷ ଭଳି ଅନ୍ୟ ଦେଶରୁ ବହୁ ପ୍ରତିଷ୍ଠିତ ଉଦ୍ୟୋଗୀ ଅଂଶଗ୍ରହଣ କରିବେ । ଏହା ସହିତ ୨୨ଟି ରାଜ୍ୟର କ୍ଷୁଦ୍ର, ମଧ୍ୟମ ଓ ବୃହତ ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ପ୍ରତିଷ୍ଠିତ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବେ । ଚଳିତବର୍ଷ ବାଣିଜ୍ୟ ମେଳାରେ ୫୨୦ଟି ଷ୍ଟଲ ଖୋଲିବ । ଆଫଗାନିସ୍ତାନ, ଥାଇଲାଣ୍ଡ, ବାଂଲାଦେଶ, ମାଲେସିଆ, ଦୁବାଇ, ଇରାନ ଓ ତୁର୍କୀର ଉଦ୍ୟୋଗୀମାନଙ୍କ ବିଭିନ୍ନ ସୌଖୀନ ଓ ଘରକରଣା ସାମଗ୍ରୀ ବୈଶାଖୀ ବାଣିଜ୍ୟ ମେଳାରେ ସ୍ଥାନ ପାଇବ । ସେହିଭଳି ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜମ୍ମୁକାଶ୍ମୀର ଇତ୍ୟାଦି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଏଠାରେ ବିକ୍ରୟ କରିବେ । ଏହା ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଧ୍ୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ବ୍ୟବସାୟୀମାନେ ଅଂଶଗ୍ରହଣ କରିବେ । ଏନେଇ ଆୟୋଜକ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ମେଳାରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ପୋଷାକ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପଲବ୍ଧ ହେବ । ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳିର ବ୍ୟବସ୍ଥା କରାଯାଇଛି । କଟକ ବୈଶାଖୀ ବାଣିଜ୍ୟ ମେଳା ପରିସରରେ ଥିବା ମଞ୍ଚରେ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯିବ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଉଦୀୟମାନ ଓ ପ୍ରତିଷ୍ଠିତ କଳାକାରମାନେ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିବେ । କଟକ ଜିଲ୍ଲା ପ୍ରଶାସନ, କମିଶନରେଟ ପୋଲିସ, ଅଗ୍ନିଶମ ବାହିନୀ, କଟକ ମହାନଗର ନିଗମ, ୱାଟକୋ ସହଯୋଗରେ ଏହି କଟକ ବୈଶାଖୀ ବାଣିଜ୍ୟମେଳାର ଆୟୋଜନ କରାଯାଉଛି ବୋଲି କମିଟି ପକ୍ଷରୁ କୁହାଯାଇଛି । ମେଳା ବୁଲିବାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଫୁଡ଼କୋର୍ଟର ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ, ଛେନାଝିଲି, ରସାବଳୀଠାରୁ ନେଇ ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ ଉପଲବ୍ଧ ହେବ ବୋଲି ସ୍ପଷ୍ଟ କରିଛି ଆୟୋଜକ କମିଟି ।







## ହଡଗଡ଼ ବନାଞ୍ଚଳରେ ହାତୀଛୁଆର ମୃତଦେହ ଠାବ



**କେନ୍ଦୁଝର /ହାଟଡ଼ିହି, ୧୦/୩**
**ନ୍ୟୁଜ ବ୍ୟୁରୋ**

ପୁଣି ଏକ ହାତୀଛୁଆର ମୃତଦେହ ଉଦ୍ଧାର । ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହଦଗଡ଼ ବନାଞ୍ଚଳରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ବନ ବିଭାଗ ଖବରପାଇ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ହାତୀଛୁଆର ମୃତଦେହ ଠାବ କରିଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ ହାତୀ-ହାତୀ ମଧ୍ୟରେ ଲଢେଇରୁ ଦନ୍ତା ଛୁଆଟିର ମୃତ୍ୟୁ ହୋଇଥିବା ଆନନ୍ଦପୁର ଡ଼ିଏଫଓ କହିଛନ୍ତି। ମୃତ ହାତୀ ଛୁଆର ବୟସ ୬/୭ବର୍ଷ ହେବ। ବ୍ୟବଚ୍ଛେଦ ପରେ ହାତୀ ଛୁଆକୁ ପୋତି ଦିଆଯାଇଥିବା ସୂଚନା ମିଳିଛି।

## ସହର ଭିତରେ ଜଙ୍ଗଲର ମଜା ଦେଉଛି ଆନନ୍ଦବନ

**ଭୁବନେଶ୍ୱର, ୧୦/୩**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସହର ଭିତରେ ଜଙ୍ଗଲୀ ମଜା। ରାତି ପାହିଲେ ହେବ ଉଦ୍‌ଘାଟନ। ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆନନ୍ଦ ଦେବ ଆନନ୍ଦବନ। କଂକ୍ରିଟ ସହର ଭିତରେ ଜଙ୍ଗଲର ମଜା ଦେଉଛି ଆନନ୍ଦବନ । ବୃକ୍ଷଲତାରେ ପରିପୂର୍ଣ୍ଣ ଏହି ଜଙ୍ଗଲରେ ପକ୍ଷୀଙ୍କର କିଚିରିମିଚିରି ଶବ୍ଦ ମନକୁ ଟାଣି ଆଣୁଛି। ପ୍ରାକୃତିକ ପରିବେଶ ମଧ୍ୟରେ ରହିଛି ଔଷଧୀୟ ବୃକ୍ଷ ସାଙ୍ଗକୁ ଫୁଲଗଛର ସମ୍ଭାର । ଶଙ୍କରପୁର ମୌଜା ମାଳାର କଳିଙ୍ଗନଗର କେ-୭ ଅଞ୍ଚଳରେ ୯୦ ଏକର ଜାଗାରେ ପରିବ୍ୟାପ୍ତ ଏହି ଜଙ୍ଗଲ। ଗୋଟିଏ ପାର୍ଶ୍ୱରେ ୬୦ ଏକର, ରାସ୍ତାର ଅନ୍ୟ ପାର୍ଶ୍ୱରେ ୩୦ ଏକର ଜଙ୍ଗଲ। ଉଭୟ ପାର୍ଶ୍ୱକୁ ଯୋଡିବା ପାଇଁ ନିର୍ମାଣ ହୋଇଛି ଫୁଟ ଓଭର ବ୍ରିଜ। କୃତ୍ରିମ ଉପାୟରେ ଏହାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହାରି ଭିତରେ ସାଇକେଲ ପଥ, ରଙ୍ଗଭୂମି, ଜଳାଶୟ, ଗଜିବୋ, କାଠ ପୋଲ, ଶୌଚାଳୟ, ଖୁସିର ଆଧାର, ବର୍ଷା ଆଶ୍ରୟସ୍ଥଳ, କଙ୍କର ପଥ, ବାଖ୍ୟାଳକେନ୍ଦ୍ର, ବୃକ୍ଷରୋପଣ, ସୁଗନ୍ଧଭରା ପଥ, ହିଲ ପ୍ଲେ ମଣ୍ଡପ, ଯୋଗମଣ୍ଡପ, ଫୁଡଜୋନ, ପାର୍କିଂ, ମାଟି ପଥ, ସାଇକେଲ ଟ୍ରାକ ରହିଛି। ନଗର ବନଖଣ୍ଡ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ଓଏମସିର ମିଳିତ ସହଯୋଗରେ ଏହାର ଭିନ୍ନତୀକରଣ କାର୍ଯ୍ୟ ହୋଇଛି। ଆନନ୍ଦବନରେ ୫-ଟି ଗେଟ୍ ରହିଛି। ଜଙ୍ଗଲର ସୁରକ୍ଷା ଲାଗି ବ୍ୟାପକ ପରିମାଣର ସିସିଟିଭି ଲାଗିବା ସହତି ସୁରକ୍ଷାକର୍ମୀ ନିୟୋଜିତ ହେବ। ୨୦୧୧-୧୨ ମସିହାରେ ବୃକ୍ଷ ରୋପଣ କରିଥିଲା ନଗର ବନଖଣ୍ଡ। ସକାଳ ୫ଟାରୁ ୧୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଖୋଲା ରହିବ।

## ଗୁଜବ ଓ ମିଛ କଥା ରାଜନୀତିରେ ସବୁଠୁ ଖରାପ ଜିନିଷ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦/୩ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନଙ୍କ ପଟ୍ଟନାୟକଙ୍କ ମତରେ ରାଜନୀତିରେ ସବୁଠାରୁ ଖରାପ ଜିନିଷ ହେଲା ଗୁଜବ ଓ ମିଥ୍ୟା କଥା । ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଏକ ପ୍ରଶ୍ନର ଉତ୍ତରରେ ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ । ସାଂପ୍ରତିକ ରାଜନୈତିକ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ବାର୍ତ୍ତା ବେଶ୍ ଗୁରୁତ୍ୱ ବହନ କରୁଛି । ବିଜେପି-ବିଜେଡି ମେଣ୍ଟକୁ ନେଇ ଗୁଜବ ସୃଷ୍ଟି କରୁଥିବା ନେତାଙ୍କୁ ଏହା ନବୀନଙ୍କ କଡା ଜବାବ ବୋଲି ଆଲୋଚନା ହେଉଛି । ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଏକ ଭିଡିଓ ଷ୍ଟାଟସ୍ ଦେଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଏଥିରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ବେଳେ ପଚାରିଛନ୍ତି, ରାଜନୀତିରେ ସବୁଠାରୁ ଖରାପ ଜିନିଷ କ'ଣ ? ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଗୁଜବ ଏବଂ ମିଛ କଥା ହେଉଛି ରାଜନୀତିରେ ସବୁଠାରୁ ଖରାପ ଜିନିଷ ।

